## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ୩ ଆହତ



ଉମରକୋଟ, ୧୦।୨(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦର ମେନ୍ଦାବେଡ଼ା ଗ୍ରାମରେ ମହୁମାଛି ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବଡ଼ବାସିନି ଗ୍ରାମର ଧନୁର୍ଜୟ ମାଝି (୬୫), ମେନ୍ଦାବେଡା ଗ୍ରାମର ନିଲମ ସାହୁ (୩୫) ଓ ତାଙ୍କ ସ୍ତ୍ରୀ ଡାଲିମ୍ବ ସାହୁ (୩୦)। ମିଳିଥିବା ସୂଚନାନୁଯାୟୀ, ଧନୁର୍ଜୟ ସାଇକେଲ ଯୋଗେ ଉମରକୋଟକୁ କାମ କରିବାକୁ ଆସୁଥିଲେ। ନିଲମ ଓ ଡାଲିମ୍ବ ମଧ୍ୟ ବାଇକ ଯୋଗେ କୌଣସି କାମରେ ଉମରକୋଟ ଆସୁଥିଲେ। ଏହି ସମୟରେ ମେନ୍ଦାବେଡ଼ା ଗ୍ରାମରେ ଧନୁର୍ଜୟ, ନିଲମ ଓ ଡାଲିମ୍ବଙ୍କୁ ମହୁମାଛି ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ନିଲମ ଓ ଡାଲିମ୍ବ ଘରକୁ ଫେରିଯାଇଥିବା ବେଳେ ଧନୁର୍ଜୟଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି।

### ଚନ୍ଦନା ଛାତ୍ର ବିଜେଡି ସମ୍ପାଦିକା



ଉମରକୋଟ, ୧୦।୨(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ନିର୍ବାଚନମଣ୍ଡଳୀର ଚନ୍ଦନା ମଲ୍ଲିକଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦିକା ଭାବେ ମନୋନୀତ କରାଯାଇଛି। ରାଜ୍ୟସ୍ତରରୁ ଏକ ପ୍ରେସ୍ ଇସ୍ତାହାର ଜରିଆରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକରେ ଛାତ୍ର ବିଜେଡିକୁ ଅଧିକ ସୁଦୃଢ ତଥା ନୂତନ ଯୁବ ଭୋଟରଙ୍କୁ ଉତ୍ସାହିତ କରିବା ପାଇଁ ଚନ୍ଦନାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ଯୁବଭୋଟରଙ୍କୁ ଏକାଠି କରିବା, ତାଙ୍କ ଭୋଟକୁ ଦଳ ସପକ୍ଷରେ କରିବା, ଉମରକୋଟ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଯେପରି ବହୁ ମତରେ ଜିତିବେ ସେ ଦିଗରେ କାର୍ଯ୍ୟ କାର୍ଯ୍ୟ କରିବେ ବୋଲି ଚନ୍ଦନା କହିଛନ୍ତି। ଦଳ ପକ୍ଷରୁ ତାଙ୍କୁ ଏହିଭଳି ଦାୟିତ୍ୱ ଦିଆଯାଇ ଥିବାରୁ ସେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ପୌରାଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ ଓ ଜିଲାସ୍ତରୀୟ ସମସ୍ତ ନେତୃବର୍ଗଙ୍କୁ ଧନ୍ୟବାଦ ଦେଇଛନ୍ତି।

# ୪,୩୧,୭୨୮ ପିଲାଙ୍କୁ ଦିଆଯିବ କୃମିନାଶକ ଔଷଧ

- ଜାତୀୟ କୃମିନାଶ ଦିବସ
- ୨୨୮୨ ଅଙ୍ଗନୱାଡି, ୨୦୪୪ ଆଶା, ୫୬୯ ସ୍ୱାସ୍ଥ୍ୟ କର୍ମୀ ବାଣ୍ଟିବେ ଔଷଧ

ନବରଙ୍ଗପୁର, ୧୦।୨(ସଦାଶିବ ପ୍ରହରାଜ)




ଜିଲାପାଳ କମଳଲୋଚନ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜାତୀୟ କୃମି ନାଶକ ଦିବସ ନବରଙ୍ଗପୁର ଆର୍‌ସିଡି ନୋଡାଲ ହାଇସ୍କୁଲରେ ପାଳିତ ହୋଇଯାଇଛି। ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଯୋଗଦେଇ ଜାତୀୟ କୃମି ନାଶକ ଦିବସର ବିଶେଷତ୍ୱ ସମ୍ପର୍କରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। କୃମି ଔଷଧ ସେବନ ଦ୍ୱାରା ପେଟର କୃମି ନାଶ ହୋଇଥାଏ। ପେଟରେ କୃମି ରହିବା ଫଳରେ ଧୀରେ ଧୀରେ ସ୍ୱାସ୍ଥ୍ୟ ଖରାପ ହୋଇଥାଏ। ତେଣୁ ସବୁବେଳେ ସ୍ୱାସ୍ଥ୍ୟର ଯତ୍ନ ନେବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ସ୍ୱାସ୍ଥ୍ୟ ହିଁ ଆମର ସବୁଠାରୁ ବଡ଼ ସମ୍ପଦ ବୋଲି ଜିଲାପାଳ ଛାତ୍ରୀଛାତ୍ରଙ୍କୁ କୃମି ନାଶକ ଔଷଧ ବଣ୍ଟନ କରିଥିଲେ। ସମସ୍ତ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟ ବିଭାଗ ଅନୁଷ୍ଠାନରେ କୃମି ନାଶକ ଔଷଧ ଦିଆଯିବ। ଯେଉଁମାନେ କୃମି ଔଷଧ ନେଇପାରି ନ ଥିବେ ସେମାନେ ଚଳିତ ମାସ ୧୭ରେ ନେଇପାରିବେ। ଏ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଏହି କୃମି ନାଶକ ଅଭିଯାନ ମାଧ୍ୟମରେ ୧ରୁ ୧୯ ବର୍ଷ ମଧ୍ୟରେ ଥିବା ୪,୩୧,୭୨୮ ଜଣ ପିଲାମାନଙ୍କୁ କୃମି ନାଶକ ଔଷଧ ବଣ୍ଟନ କରାଯିବ। ଜିଲାର ୧୦ ବ୍ଲକ, ୨ ପୌରପାଳିକାରେ ୨୨୮୨ ଅଙ୍ଗନୱାଡି କର୍ମୀ, ୨୦୪୪ ଆଶା କର୍ମୀ, ୫୬୯ ସ୍ୱାସ୍ଥ୍ୟ କର୍ମୀଙ୍କୁ ଏ ନେଇ ନିୟୋଜିତ କରାଯାଇଛି। ଜିଲ୍ଲାର ୧୯୬୬ ସରକାରୀ, ବେସରକାରୀ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ କୃମି ନାଶକ ଔଷଧ ବଣ୍ଟନ କରାଯିବ। ୧ ରୁ ୧୯ ବର୍ଷ ର ପିଲାମାନେ ଏବଂ ୨୦ ରୁ ୨୪ ବର୍ଷର ସମସ୍ତ ମହିଳା ମାନେ ଯେପରି କୃମି ନାଶକ ଔଷଧ ସେବନ ରୁ ବାଦ ନ ପଡ଼ନ୍ତି ସେଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଧ୍ୟାନ ଦିଆଯାଉଛି। ଏହି ଅବସରରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଳୀ ପ୍ରସାଦ ବେହେରା, ଏଡିଏମ୍‌ଓ (ଏଫ୍‌ଡବ୍ଲ୍ୟୁ) ମଳୟ କୁମାର ତ୍ରିପାଠୀ, ଆର୍‌ସିଡି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ ପ୍ରହରାଜ, ଷ୍ଟାଟିଷ୍ଟିକଲ କନସେଲଣ୍ଟାଣ୍ଟ ମନୋହର ଭଣ୍ଡାରି, ଡିଏମ୍ ଚିତ୍ତରଞ୍ଜନ ମିଶ୍ର, ଭିବିଡି କନସେଲଣ୍ଟାଣ୍ଟ ଦିନେଶ ପ୍ରହରାଜ ପ୍ରମୁଖଙ୍କ ସମେତ ଜିଲା ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଯୋଜନା ସମ୍ପର୍କିତ ପୁସ୍ତକ ଉନ୍ମୋଚିତ



ବିଧାୟକ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କୋଡ଼ିଙ୍ଗା, ୧୦।୨(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ମିନି ଷ୍ଟାଡିୟମରେ ଶନିବାର ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଡ଼ିଙ୍ଗା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଟିକିଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝି, ସରପଞ୍ଚ ସେବିକା ମାଝି, ସମିତି ସଭ୍ୟ କେମରାଜ ଦିଶାରୀ, ସାମାଜିକ କର୍ମୀ ବଦ୍ରିନାରାୟଣ ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କିତ ଏକ ପୁସ୍ତକ ଅତିଥି ଉନ୍ମୋଚନ କରିଛନ୍ତି। ବନ ବିଭାଗ, ମିଶନ ଶକ୍ତି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ମତ୍ସ୍ୟ ବିଭାଗରୁ ଆସିଥିବା ଅଧିକାରୀମାନେ ସରକାରୀ ଯୋଜନାର କିଭଳି ଲାଭ ଉଠାଇ ହେବ ସେନେଇ ଲୋକଙ୍କୁ ବୁଝାଇଥିଲେ। ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜିଲାସ୍ତରୀୟ ସୂଚନା ଅଧିକାର ଆଇନ କର୍ମଶାଳା

ନବରଙ୍ଗପୁର, ୧୦।୨(ସଦାଶିବ ପ୍ରହରାଜ)




କର୍ମଶାଳାରେ ଯୋଗଦେଇଥିବା ଅଧିକାରୀମାନେ।

ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ସୂଚନା ଅଧିକାର ଆଇନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମିଶନ ଶକ୍ତି ସଭା ଗୃହରେ ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ଅତିରିକ୍ତ ଜିଲାପାଳ(ସାଧାରଣ) ମହେଶ୍ୱର ନାୟକ, ସିଡିଏମ୍‌ଓ ଡା. କାଳିପ୍ରସାଦ ବେହେରା, ପିଏ ଆଇଟିଡିଏ ରାଜୀବ କୁମାର ସାହୁ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଚନ୍ଦ୍ର ମୋହନ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ନବରଙ୍ଗପୁର ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, କୋଡ଼ିଙ୍ଗା ତହସିଲଦାର ସୁବ୍ରତ ବେହେରା, ସହକାରୀ ଜିଲାପାଳ ବିନାୟକ ଖାଡ଼ଙ୍ଗା, ଏସିଏଫ୍ ମନସୁନ କ୍ଷେମୁନଡ୍ଡୁ, ଏଟିଓ ପ୍ରେମଚନ୍ଦ୍ର ଦାସ, ଜିଲା ଯୋଜନା ସଂଯୋଜକ ପ୍ରଦୀପ୍ତ କୁମାର ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସୂଚନା ଅଧିକାର ଆଇନ ବିଶେଷଜ୍ଞ ହର୍ଷ ପରିଚ୍ଛା ଓ ତାଙ୍କ ସହକର୍ମୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସୂଚନା ଅଧିକାର ଆଇନର କାର୍ଯ୍ୟ ଓ ନିୟମ ଉପରେ ଆଲୋଚନା କରିଥିଲେ। ସୂଚନା ଅଧିକାର ଆଇନର ଧାରା ୪-୧ (ଖ) ଅନୁଯାୟୀ ସ୍ୱେଚ୍ଛାକୃତ ସୂଚନା ଅପ୍‌ଡେଟ୍ କରିବା ଓ ସମସ୍ତ ପ୍ରକାର ମାନୁଆଲର ଅଧୁନାତନ ଉପରେ ତାଲିମ ଦିଆଯାଇଛି। ଏହାସହ ଅଂଶଗ୍ରହଣକାରୀଙ୍କ ପ୍ରଶ୍ନ ଉପରେ ଆଲୋଚନା ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନ ସୂଚନା ଅଧିକାରୀଙ୍କ ସମେତ ବ୍ଲକ ଓ ତହସିଲ କାର୍ଯ୍ୟାଳୟରୁ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଓ ଜନ ସୂଚନା ଅଧିକାରୀମାନେ ଯୋଗଦେଇଥିଲେ।

## ଏସ୍‌ଡିପିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପାପଡ଼ାହାଣ୍ଡି, ୧୦।୨(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପାପଡ଼ାହାଣ୍ଡି ଥାନାଧିକାରୀ ଦୀପକ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ମୁଖ୍ୟ ଅତିଥି, କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର, ମଇଦଲପୁର ଥାନାଧିକାରୀ ବିପିନ କୁଲଦୀପ, କୋଷାଗୁମୁଡ଼ା ଥାନାଧିକାରୀ ଉମେଶ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଥାନା ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି।



ଏହି ଅବସରରେ ଏସ୍‌ଆଇ ଶିବଜି ପଣ୍ଡା, ଏଏସ୍‌ଆଇ ହରିହର ଭତରା, ଶିବପ୍ରସାଦ ମହାନ୍ତି, ଶିବଚରଣ ରାଉତ, ଶରତ ଚନ୍ଦ୍ର କୁଟୁକା ଓ ଥାନା କର୍ମଚାରୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଆଦିତ୍ୟ ସେନ ୪ ବର୍ଷ ହେବ ପାପଡ଼ାହାଣ୍ଡି, କୋଷାଗୁମୁଡ଼ା, କୋଡ଼ିଙ୍ଗା, ତେନ୍ତୁଲିଖୁଣ୍ଟି, ମଇଦଲପୁର ଏସ୍‌ଡିପିଓ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ବର୍ତ୍ତମାନ ମାଲକାନଗିରି ଜିଲାକୁ ବଦଳି କରାଯାଇଛି।

# ୧୬ରେ ଟ୍ରେଡ୍ ୟୁନିୟନ୍ ଧର୍ମଘଟ




ନବରଙ୍ଗପୁର, ୧୦।୨(ସଦାଶିବ ପ୍ରହରାଜ)

କେନ୍ଦ୍ରସରକାରଙ୍କ ନୀତିକୁ ବିରୋଧ କରି ଟ୍ରେଡ୍ ୟୁନିୟନ୍ ପକ୍ଷରୁ ୧୬ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଏନେଇ ସ୍ଥାନୀୟ ଦଳିତ ପାଠଗାରରେ କେନ୍ଦ୍ରୀୟ କିଷାନ ମୋର୍ଚ୍ଚାର ଆବାହକ ରାଜେଶ ଜାନୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଶ୍ରମିକ ବିରୋଧୀ ଓ କୃଷକ ବିରୋଧୀ ନୀତି କରୁଛି । ବିଶେଷ କରି କର୍ପୋରେଟ ଓ ସାମ୍ପ୍ରଦାୟିକ ଶକ୍ତିଙ୍କ ଜରିଆରରେ ଦେଶର ଅମୂଲ୍ୟ ସମ୍ପତି, ପୁଞ୍ଜି ଓ ପ୍ରାକୃତିକ ସମ୍ପଦକୁ ପୁଞ୍ଜିପତିଙ୍କ ହାତରେ ଟେକିଦେଇଛି। ସେଭଳି ଚାଷୀ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ମିଳୁନାହିଁ। ଜଳବାୟୁ ପରିବର୍ତ୍ତନ ଯୋଗୁ କ୍ରମାଗତ ଭାବେ ପ୍ରାକୃତିକ ବିପର୍ଯ୍ୟୟରେ ବ୍ୟାପକ ଫସଲ କ୍ଷତିର କ୍ଷତିପୂରଣ ଚାଷୀଙ୍କୁ ମିଳୁନାହିଁ। ଏସବୁକୁ ନେଇ ୧୬ ତାରିଖରେ ନବରଙ୍ଗପୁର ଜିଲାରେ ଭାରତ ବନ୍ଦ ପାଳନ କରାଯିବ ବୋଲି କହିଛନ୍ତି। ଦୋକାନବଜାର, ଚକଅଖ ୧୨ଘଣ୍ଟିଆ ବନ୍ଦ କରାଯିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଆଇଏନ୍‌ଟିୟୁସିର ଜିଲା ସଭାପତି ବିଘ୍ନରାଜ ନାୟକ, ଏଆଇଟିୟୁସିର ଜିଲା ସଭାପତି ତିଳକ ଗଣ୍ଡ, ପାଚିକା ସଂଘ ସଭାନେତ୍ରୀ ଧନିକା ସାନ୍ତା, ଟିୱାଇଏଫଆଇ ସଭାନେତ୍ରୀ ମନିସା ମାଝି, ଚଞ୍ଚଳା ଦୋରା, ସେବତି ପାଇକ ପ୍ରମୁଖ ଯୋଗ ଦେଇଥିଲେ।

# ନୂଆ-ଓ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଡାବୁଗାଁ, ୧୦।୨(ପ୍ରଜ୍ଞାରଞ୍ଜନ ପରିଡ଼ା)



କ୍ୟାଲେଣ୍ଡର ଉନ୍ମୋଚନ କରାଯାଉଛି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି ମୁଖ୍ୟ ଅତିଥି, ନବରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟାପକ ବିଜୟ ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଜୋନ୍-୧ ଜିଲା ପରିଷଦ ଅଧ୍ୟକ୍ଷ ଗୁପ୍ତ ବିଷୋୟୀ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଏମ୍‌ପିଙ୍କ ପ୍ରତିନିଧି ଏମ୍.ଆପ୍ପା ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ ଛାତ୍ରୀଛାତ୍ରଙ୍କୁ ଯୋଗଦେଇଥିଲେ। ଏହି ଅଧ୍ୟାପକ ରମେଶ ଚନ୍ଦ୍ର ନାହାକ ଅତିଥି ପରିଚୟ ପ୍ରଦାନ, ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ କ୍ରିକେଟ, ଦୌଡ, ଭଲି, ଫୁଟ୍‌ବଲ, କବାଡି, ମ୍ୟୁଜିକ ଚେୟାର, ଖୋଖୋ, ଶର୍ଟ ପୁଟ, ଡିସ୍କ ଥ୍ରୋ, ଲମ୍ବଡିଆଁ, ଉଚ୍ଚ ଡିଆଁ ଆଦି ଖେଳକୁ ଅଧ୍ୟାପକ ଶିବପ୍ରସାଦ ସାହୁ, କ୍ରୀଡ଼ା ଶିକ୍ଷକ ହେମନ୍ତ କୁମାର ସାମଲ ଓ ପ୍ରଦୀପ ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କୃତୀ ପ୍ରତିଯୋଗୀ ଓ କ୍ରୀଡା ଶିକ୍ଷକଙ୍କୁ ପୁରସ୍କୃତ କରାଯାଇଥିଲା। ଉର୍ମିଳା ବ୍ରହ୍ମା, ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ ଓ ଚନ୍ଦନା ପଣ୍ଡା ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ସାହିତ୍ୟ କାର୍ଯ୍ୟକ୍ରମ ମୁଖ୍ୟ ଅଧ୍ୟାପକ ସରୋଜ ବୋଡ଼କିଆ, ଅଧ୍ୟାପିକା ପ୍ରତୀକ୍ଷା ପ୍ରିୟଦର୍ଶନୀ ସ୍ୱାଇଁ ଓ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ନାହାକ ତିଆରି କରିଥିବା ୧୦ହଜାର ବର୍ଷର କ୍ୟାଲେଣ୍ଡରର ଉନ୍ମୋଚନ କରାଯାଇଛି। ଅତିଥିମାନେ ଏହା ଏକ ରେକର୍ଡ ବୋଲି କହିବା ସହ ନାହାକଙ୍କୁ ଧନ୍ୟବାଦ ଦେଇଥିଲେ।

## ଆଇନ ସଚେତନତା ଶିବିର

ଜୟପୁର, ୧୦।୨(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକର ମହୁଲି ପଞ୍ଚାୟତର ବିଚାଲକୋଟା ଗ୍ରାମରେ ଜିଲା ଜଜ୍ ସତ୍ୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ପ୍ରାଧିକରଣ ସଚିବ ସୁମନ ଜେନା, ଦ୍ୱିତୀୟ ଶ୍ରେଣୀ ବିଚାରବିଭାଗୀୟ ବିଚାରପତି ଅନିମେଶ ଜେନା, ଜିଲା ଶ୍ରମ ବିଭାଗ ସହ ଅଧିକାରୀ ଚିନ୍ମୟ ସାହୁ, ଅନନ୍ତ ମୁଦୁଲି, ସୁଶ୍ରୀ ରାମେଶ୍ୱରୀ ହିକ୍କା ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀ ରାଜେଶ୍ୱର ମହୁରିଆ ଉପସ୍ଥିତ ରହି ସମ୍ବିଧାନର ବିଭିନ୍ନ ମୌଳିକ କର୍ତ୍ତବ୍ୟ ଓ ଅଧିକାର ଉପରେ ସଚେତନ କରିଥିଲେ।

# ଭାଜପାର ମିଶ୍ରଣ ପର୍ବ



ଚନ୍ଦାହାଣ୍ଡି, ୧୦।୨( ଦିଲୀପ ଦାସ )

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କୋଇଲିମୁଣ୍ଡା ଓ ମାଲଗାଁ ପଞ୍ଚାୟତର ୫୦୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡି ଛାଡ଼ି ଶନିବାର ଭାଜପାରେ ମିଶିଛନ୍ତି। ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ରାଜ୍ୟ ଭାଜପା ମୁଖପାତ୍ର ବଳଭଦ୍ର ମାଝି ଓ ଶ୍ୟାମ ସୁନ୍ଦର ମାଝିଙ୍କ ଉପସ୍ଥିତିରେ ଚନ୍ଦାହାଣ୍ଡି ବ୍ଲକ ବରିଷ୍ଠ ବିଜେଡି ନେତା ଘେନୁରାମ ରାଉତ, ପଦୁରାମ ସୁନାନୀ, ପବନ ସିଂ ମାଝି ଗଦାଧର ସିହ୍ନାଙ୍କ ନେତୃତ୍ୱରେ ୫୦୦ ଜଣ ଭାଜପାରେ ମିଶିଛନ୍ତି। ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଛି। ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଗଢ଼ିବ। ତେଲ ନଦୀରେ ଡ୍ୟାମ କରିବା ମୋର ଗ୍ୟାରେଣ୍ଟି ବୋଲି ପୂର୍ବତନ ଏମ୍‌ପି କହିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ଉପସଭାପତି ଦିଲୀପ ଦାସ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅକାଳୁ ଜାଲି, ଭରତ ବାଘ, ମାଲଗାଁ ମଣ୍ଡଳ ସଭାପତି ମୋହନ ନାୟକ, ମୁରଲୀ ପୋଡ଼, କୋଇଲିମୁଣ୍ଡା ସମିତି ସଭ୍ୟ ତିଳକ ସିଂ ପୋଡ଼, ଯୁବ ସଭାପତି ଭୋଦେବ ବାଘ, ପୂର୍ବତନ ଜିଲା ପରିଷଦ ସଭ୍ୟ ମୋତିଲାଲ ହଂସ ପ୍ରମୁଖ ଉପସ୍ଥିତ ଥିଲେ।

# ଚିକିତ୍ସାରେ ଅର୍ଥ ବାଧକ, ସୁଧୀର ଶଯ୍ୟାଶାୟୀ

ନବରଙ୍ଗପୁର, ୧୦।୨(ସଦାଶିବ ପ୍ରହରାଜ)

**ନିର୍ବାଚନ ଡ୍ୟୁଟି ବେଳେ ଦୁର୍ଘଟଣାରେ ହାତ, ଗୋଡ଼, ଅଣ୍ଟା ଭାଙ୍ଗିଥିଲା**

ନିର୍ବାଚନ ଡ୍ୟୁଟିରେ ଯିବାବେଳେ ଦୁର୍ଘଟଣା ଘଟିଲା। ଏଥିରେ ନବରଙ୍ଗପୁର ସଦର ବ୍ଲକ ବଡ଼ କୁମୁଲି ଗାଁର ଗୃହରକ୍ଷୀ ସୁଧୀର ନାୟକଙ୍କର ଅଣ୍ଟା, ହାତ, ଗୋଡ଼ ଭାଙ୍ଗିଗଲା। ସରକାରୀ ଖର୍ଚ୍ଚରେ ପ୍ରାଥମିକ ଚିକିତ୍ସା କରାଗଲା। ମାତ୍ର ଅଧିକ ଚିକିତ୍ସା ପାଇଁ କୌଣସି ସହାୟତା ନ ମିଳିବାରୁ ସୁଧୀର ଏବେ ଶଯ୍ୟାଶାୟୀ। ଚିକିତ୍ସା ଖର୍ଚ୍ଚ ଯୋଗାଇଦେବାକୁ ସୁଧୀରଙ୍କ ସ୍ତ୍ରୀ ଡାଲିମ୍ବ ନିବେଦନ କରିଛନ୍ତି।



ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ କୋଷାଗୁମୁଡ଼ା ବ୍ଲକରେ ଡ୍ୟୁଟି ପଡିଥିଲା। କେତେଜଣ ଗ୍ରାମରକ୍ଷୀଙ୍କୁ ପୋଲିସ ବସ୍‌ରେ ଛଡ଼ାଯିବାକୁ ବ୍ୟବସ୍ଥା କରାଯାଇଥିଲା। ସେଥିରେ ସୁଧୀରଙ୍କ ନାମ ସାମିଲ ଥିଲା। ୨୦୨୨ ଫେବୃଆରୀ ୧୮ ରାତିରେ ସୁଧୀର ଯାଉଥିବା ପୋଲିସ ବସ୍‌ଟି ପାପଡ଼ାହାଣ୍ଡି ସରୁଣ୍ଡପଦର ଗାଁ ନିକଟ ବୁଲାଣି ରାସ୍ତାକଡ଼ରେ ଓଲଟି ପଡିଥିଲା। ଏଥିରେ ୩ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ସୌଭାଗ୍ୟବଶତଃ ସୁଧୀର ଏଥିରୁ ବର୍ତ୍ତିଯାଇଥିଲେ। କିନ୍ତୁ ତାଙ୍କର ଗୋଟିଏ ଗୋଡ଼, ଦୁଇ ବାହୁର ହାଡ଼ ଭାଙ୍ଗିଯାଇଥିଲା। ଅଣ୍ଟାର ଖଞ୍ଜା ମଧ୍ୟ ଖସିଗଲା। ସେ ଆଉ ଚାଲି ଉଠି ପାରିଲେ ନାହିଁ। ପ୍ରଶାସନ ତୁରନ୍ତ ତାଙ୍କର ପ୍ରାଥମିକ ଚିକିତ୍ସା କରାଇଥିଲା। କିନ୍ତୁ ଉଚ୍ଚତର ଚିକିତ୍ସା ପାଇଁ ଆଉ ଗୁରୁତ୍ୱ ଦେଲେ ନାହିଁ। ସୁଧୀର ଜିଲାପାଳ, ଏସ୍‌ପିଙ୍କ ନିକଟକୁ ଯାଇ ସହାୟତା ମାଗିଥିଲେ ମଧ୍ୟ ତାହା ମିଳିଲା ନାହିଁ । ଧୀରେ ଧୀରେ ଉଠି ବସି ନ ପାରିବାରୁ ସୁଧୀର ଏବେ ଶଯ୍ୟାଶାୟୀ। ସୁଧୀରଙ୍କ ସ୍ୱଳ୍ପ ରୋଜଗାରରେ ସ୍ତ୍ରୀ ଡାଲିମ୍ବ, ୪ ଝିଅଙ୍କୁ ନେଇ ଥିବା ତାଙ୍କ ପରିବାର ଯେନତେନ ପ୍ରକାରେ ଚଳୁଥିଲା। ସଞ୍ଚୟ ବୋଲି କିଛି ନ ଥିଲା। ସୁଧୀର ନବରଙ୍ଗପୁର ଥାନାରେ ଗ୍ରାମରକ୍ଷୀ ଭାବେ କାମ କରୁଥିଲେ। ମାସିକ ୧୮ଶହ ଟଙ୍କା ପାଉଥିଲେ । ଏବେବି ତାହା ମିଳୁଛି। ଉକ୍ତ ଟଙ୍କାରେ ଘର ଚଳିବା କଷ୍ଟକର। ଚିକିତ୍ସା ଖର୍ଚ୍ଚ ବା ଉଠାଇବେ କେମିତି। ଦୁର୍ଘଟଣା ପରେ ପ୍ରଶାସନ ନା ସରକାର ନା ନିର୍ବାଚନ ଆୟୋଗ। କେହି ଚିନ୍ତା କଲେ ନାହିଁ ସୁଧୀର କିଭଳି ସୁସ୍ଥ ହେବେ ଆଡ଼ ଆଖିରେ ଚାହିଁଲେ ନାହିଁ। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ଏସ୍‌ପିଙ୍କ ନିକଟରେ ଆର୍ଥିକ ସହାୟତା ଓ ଅଧିକ ଚିକିତ୍ସା ପାଇଁ ଗୁହାରି କରି ନୟାନ୍ତ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ରାଜ୍ୟ ସରକାର ସୁଧୀରଙ୍କର ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇବାକୁ ସ୍ତ୍ରୀ ଡାଲିମ୍ବ ନିବେଦନ କରିଛନ୍ତି। ଏ ନେଇ ବିଡିଓ ସୁନୀଲ ଖରାଙ୍କୁ ପଚାରିବାରୁ ସୁଧୀରଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହସ୍ତଗତ ହେଲେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ଚିକିତ୍ସା ପାଇଁ ଅର୍ଥ ଯୋଗାଇଦେବାକୁ ଜିଲାପାଳଙ୍କୁ ଜଣାଇବୁ ବୋଲି ସେ କହିଛନ୍ତି।

# ଗାଁରୁ ୪ କି.ମି. ଅଙ୍ଗନୱାଡ଼ି, ୩ କି.ମି. ଦୂର ସ୍କୁଲ

ତେନ୍ତୁଲିଖୁଣ୍ଟି, ୧୦।୨(ଚିଦାନନ୍ଦ ସାହୁ)

**ବାମନବସା ଗାଁ**

- ଭଲ ରାସ୍ତା ନାହିଁ, ଶୁଦ୍ଧ ପାନୀୟ ଜଳ ମିଳୁନି
- ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ନାହିଁ

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କଣ୍ଟାଗାଁ ପଞ୍ଚାୟତର ବାମନବସା ଗାଁ। ଏହା ଉପରେ ସରକାରଙ୍କ ଦୃଷ୍ଟି ପଡୁନାହିଁ। ଏମାନଙ୍କ ପାଖରେ ଶୁଦ୍ଧ ପାନୀୟ ଜଳ, ପ୍ରାକ୍ ବିଦ୍ୟାଳୟ ଓ ପ୍ରାଥମିକ ଶିକ୍ଷା ଅପହଞ୍ଚ। ସ୍ନାନ ଶୌଚ ପାଇଁ ଏକମାତ୍ର ନଳକୂଅ ଭରସା। ଉକ୍ତ ନଳକୂଅ ପାଣି ମଧ୍ୟ ଗୋଳିଆ। ପାହାଡ଼ିଆ ରାସ୍ତା ଦେଇ ଅଙ୍ଗନୱାଡି କେନ୍ଦ୍ରକୁ ଯିବାକୁ ପଡ଼େ। ଫଳରେ ପିଲାମାନେ ସ୍କୁଲ ପୂର୍ବର ଶୈକ୍ଷିକ ବାତାବରଣ ଓ ଗର୍ଭବତୀ, ପ୍ରସୂତିମାନେ ପୁଷ୍ଟିକର ଖାଦ୍ୟ ପାଇବାରେ ବ୍ୟାପକ ସମସ୍ୟା ଭୋଗିଥାନ୍ତି। ପ୍ରାଥମିକ ସ୍କୁଲ ନ ଥିବାରୁ ମଧ୍ୟ ପିଲାମାନେ ଅସୁବିଧା ଭୋଗ କରୁଛନ୍ତି।

ବାମନବସା ଗାଁରେ ୧୨ରୁ ୧୪ ପରିବାର ରୁହନ୍ତି। ଗ୍ରାମର ଅର୍ଦ୍ଧାଧିକ ଘର ପୁରୁଷ ଶୂନ୍ୟ। କାରଣ ଏଠି କାମ ଅଭାବରୁ ଘରର ପୁରୁଷମାନେ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ଜିଲା ଓ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଆଦିବାସୀ ଅଧ୍ୟୁଷିତ ଗ୍ରାମକୁ ସୋଲାର ବେସଡ୍ ପାନୀୟ ଜଳ ବ୍ୟବସ୍ଥା କିନ୍ତୁ ଏଠାରେ ବ୍ୟତିକ୍ରମ ଦେଖିବାକୁ ମିଳେ। ଗ୍ରାମରେ ୧୪ ପରିବାର ମଧ୍ୟରୁ କାହାରିକୁ କୌଣସି ଯୋଜନାରେ ଘର ମିଳିନାହିଁ। ପ୍ରାକ୍ ବିଦ୍ୟାଳୟ ଶିକ୍ଷା ସାତସପନ। ୩ କି.ମି. ପାହାଡିଆ ପାଦଚଲା ରାସ୍ତା ଦେଇ ପ୍ରାୟ ୪ କି.ମି. ଗଲେ ଝଡ଼ିଆଗୁଡ଼ା ଅଙ୍ଗନବାଡି କେନ୍ଦ୍ର ପଡ଼େ। ପ୍ରାକ୍ ବିଦ୍ୟାଳୟ ବିଦ୍ୟାର୍ଥୀ ଓ ଗର୍ଭବତୀଙ୍କୁ ଗ୍ରାମରେ ଅଙ୍ଗନୱାଡି କର୍ମୀ ଯାହାକିଛି ଛତୁଆ, ଅଣ୍ଡା ଆଦି ଦେଇଥାନ୍ତି ସେତିକି ହିଁ ସରକାରୀ ପ୍ରାପ୍ୟ। ୨ କି.ମି. ଦୂର ପାପଡ଼ାହାଣ୍ଡି ବ୍ଲକ ଚଚରାପଦରକୁ ପ୍ରାଥମିକ ଶିକ୍ଷା ପାଇଁ ପିଲାମାନଙ୍କୁ ଯିବାକୁ ପଡ଼େ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର ମାଗଣା ଚାଉଳ ପାଇଁ ୮କି.ମି. ଦୂର ପଞ୍ଚାୟତକୁ ଯିବାକୁ ୩୦ରୁ ୫୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ସରକାରୀ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଗ୍ରାମରେ କେବେ ହୋଇ ନ ଥିବା ଗାଁର ସଦା ଯାନୀ, ପତି ଯାନୀ, କୋମୁଲୁ ଯାନୀ, ବୀରସିଂ ଯାନୀ, ଭୀମ ଯାନୀ, ରୁପା ଯାନୀ ପ୍ରମୁଖ କହିଛନ୍ତି। ରାସ୍ତା ଯାତାୟାତ ଉପଯୋଗୀ ନ ଥିବାରୁ ଶିକ୍ଷାଠୁ ଆରମ୍ଭ କରି ଦୈନନ୍ଦିନ କାର୍ଯ୍ୟକଳାପ ପାଇଁ ହନ୍ତସନ୍ତ ହେଉଥିବା ଗ୍ରାମବାସୀ କହନ୍ତି। ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସିଡିପିଓ ବିନିତା ଜେଠୀଙ୍କୁ ପଚାରିବାରୁ ପ୍ରକୃତ ସ୍ଥିତି ଜାଣିନାହିଁ। ବୁଝିବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଉକ୍ତ ଗ୍ରାମ ରାସ୍ତା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଫାଇଲ ହୋଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।



ଗାଁକୁ ସଂଯୋଗ କରୁଥିବା ପାହାଡ଼ିଆ ରାସ୍ତା।

## ସଂକ୍ଷେପରେ

### ଦେଶୀ ମଦ ଚୋରା ଚାଲାଣ ବେଳେ ୨ ଗିରଫ

ଜୟପୁର, ୧୦।୨ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ଥାନା କର୍ମଚାରୀ ଚଢାଉ କରି ଶନିବାର ୨ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ମୁଣ୍ଡିଗୁଡାର ପ୍ରସନ୍ନ ପରଜା (୩୫) ଓ ମିନ ପରଜା (୩୦) ମୁଣ୍ଡିଗୁଡା ଗ୍ରାମାଞ୍ଚଳରେ ଚୋରା ମଦ ଚାଲାଣ ହେଉଥିବା ସୂଚନା ପାଇ ଅବକାରୀ କର୍ମଚାରୀମାନେ ଚଢାଉକରି ଧରିଥିଲେ। ସେମାନଙ୍କଠାରୁ ୫୪ ଲିଟର ଦେଶୀ ମଦ ଜବତ ହୋଇଥିବା ଅବକାରୀ ଓଆଇସି ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

### ୩ ଯୁବନେତାଙ୍କୁ ନ୍ୟାୟ ଯୋଦ୍ଧା ରୂପେ ସମ୍ମାନିତ କଲେ ରାହୁଲ




ଜୟପୁର, ୧୦।୨ (ପବନ ପାଣିଗ୍ରାହୀ)

ଓଡ଼ିଶାରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ସାମିଲ ହୋଇଥିବା କୋରାପୁଟ ଜିଲାର ପୂର୍ବତନ ଯୁବକଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଜିଲା ଯୁବକଂଗ୍ରେସ ଉପସଭାପତି ପବିତ୍ର ସାଉଁତା ଓ ଜୟପୁର ବିଧାନସଭା କ୍ଷେତ୍ର ସଭାପତି ରମେଶ ରାଉତଙ୍କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସ୍ୱତନ୍ତ୍ର ଭାବେ ଭେଟିବାକୁ ଏଆଇସିସି କାର୍ଯ୍ୟକର୍ତ୍ତାଙ୍କୁ କହି ନିମନ୍ତ୍ରଣ କରିଥିଲେ। ସମ୍ବଲପୁରଠାରେ ସେମାନଙ୍କୁ ନ୍ୟାୟ ଯୋଦ୍ଧା ସମ୍ମାନ ଦେଇ ରାହୁଲ ସମ୍ମାନିତ କରିଥିଲେ। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ପ୍ରେରଣା ସେମାନଙ୍କୁ ନ୍ୟାୟ ଯୋଦ୍ଧା ଭାବେ ସମ୍ମାନ ଦେଇଛି ବୋଲି ସମ୍ମାନିତ ଏହି ୩ ଯୁବନେତା ଏହି ଅବସରରେ ପ୍ରକାଶ କରିଛନ୍ତି।

### ଷୋହଳ ଖଣ୍ଡ ଗୋପାଳ ସମାଜର କାର୍ଯ୍ୟକାରିଣୀ ବୈଠକ

ଜୟପୁର, ୧୦।୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଷୋହଳ ଖଣ୍ଡ ଗୋପାଳ ସମାଜର ଜିଲା କାର୍ଯ୍ୟକାରିଣୀ ବୈଠକ ଜୟପୁର ଯାଦବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ସଭାପତି କବିରାଜ ପରମେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଗୋପାଳ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇ କେତେକ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଜିଲା ତାଲୁକା ସହ ବୈପାରିଗୁଡା ପାଇଁ ଏକ ସ୍ୱତନ୍ତ୍ର କମିଟି ଚୟନ କରାଯାଇଥିଲା। ଏହି ବୈଠକରେ ସମ୍ପାଦକ ରାଜେନ୍ଦ୍ର ଗୌଡ଼, ବୈପାରିଗୁଡା କମିଟି ସଭାପତି ପଦ୍ମନାଭ ଗୌଡ଼, ଉପସଭାପତି ଅଜୟ ଅଜାମ୍ବର ନାୟକ, ସମ୍ପାଦକ ଉଦୟନାଥ ମହାଙ୍କୁଡ଼, ରାମଚନ୍ଦ୍ର ମହାଙ୍କୁଡ଼, ନାରାୟଣ ଗୌଡ଼, ବିଜୟ ଗୌଡ଼, ଭାସ୍କର ଚନ୍ଦ୍ର ଗୌଡ଼ ରାମଚନ୍ଦ୍ର ଗୌଡ଼, ଅଶୋକ ଗୌଡ଼ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ୩ ହିତାଧିକାରୀ ଭତ୍ତାରୁ ବଞ୍ଚିତ: ପରଘରେ କାମ କଲେ ଚଳୁଛି ପରିବାର

ଦଶମନ୍ତପୁର, ୧୦।୨ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡା ପଞ୍ଚାୟତ ବେଜିଂଖୋଲା ଗ୍ରାମର କାଜିଲି ଜାନି, ଦାଶାଇ ଜାନି ଏବଂ ଯମୁନା ଜାନି ଦୀର୍ଘଦିନ ହେଲା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ସ୍ୱାମୀମାନଙ୍କ ମୃତ୍ୟୁ ୫/୭ ବର୍ଷ ହେଲା ହୋଇଯାଇଥିଲେ ମଧ୍ୟ ଏଯାଏ ସମ୍ପୃକ୍ତା ମହିଳାମାନେ ଭତ୍ତା ପାଇନାହାନ୍ତି। ଏଥିପାଇଁ ସେମାନଙ୍କୁ ପ୍ରତିଦିନ ପରଘରେ କୁଲି ଭୁତି କାମ କରି ଚଳିବାକୁ ପଡୁଛି। ସେଥିରୁ ଯାହା ମିଳୁଛି ସେଥିରେ ଆମ ପରିବାର ଚଳୁଛି ବୋଲି ମହିଳାମାନେ ପ୍ରକାଶ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ସେମାନେ ଏଯାଏ ଭତ୍ତା ପାଇନାହାନ୍ତି। ଆବଶ୍ୟକ କାଗଜପତ୍ର ସହ ଭତ୍ତା ଫର୍ମ ପୂରଣ କରି ଦେଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏନେଇ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଲିଖିତ ଭାବେ ଜଣାଇ ନିରାଶ ହୋଇଛନ୍ତି। କେବଳ ଭତ୍ତା ନୁହେଁ, ଜାତୀୟ ପରିବାର ମଙ୍ଗଳ ଯୋଜନାରୁ ମଧ୍ୟ ଏମାନେ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌତମ ଖୋସଲାଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତା ବିଧବା ମହିଳା ମାନଙ୍କୁ ତୁରନ୍ତ ଭତ୍ତା ଯୋଗାଇ ଦେବା ବ୍ୟବସ୍ଥା ହେବ। ସେମାନଙ୍କ ଆବେଦନରେ ଯଦି କିଛି ତ୍ରୁଟି ରହିଥିବ ତେବେ ସେଥିପାଇଁ ଭତ୍ତା ଅଟକିଥିବ। ମୁଁ ସେମାନଙ୍କ ଆଧାର କାର୍ଡ ଦେଖିଲା ପରେ ସମସ୍ୟା ସମାଧାନ କରିବି ବୋଲି ଖୋସଲା କହିଥିଲେ।

# ଗୋଟିଏ କୋଠରିରେ ଚାଲିଛି ୫ ଶ୍ରେଣୀ

**ମ୍ୟୁନିସିପାଲିଟି ପଲ୍ୟୁଟୋରି ଫାର୍ମ କଲୋନି ପ୍ରାଥମିକ ବିଦ୍ୟାଳୟ**

କୋରାପୁଟ, ୧୦।୨ (ଅମିତାଭ ବେହେରା)


ଗୋଟିଏ ଶ୍ରେଣୀଗୃହରେ ପଢୁଥିବା ୫ ଶ୍ରେଣୀର ଛାତ୍ରୀଛାତ୍ର।

କୋରାପୁଟ ମ୍ୟୁନିସିପାଲିଟି ଅଧୀନରେ ରହିଛି ପଲ୍ୟୁଟୋରି ଫାର୍ମ ସରକାରୀ ପ୍ରାଥମିକ ବିଦ୍ୟାଳୟ । ବିଦ୍ୟାଳୟ ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଠପଢା ପାଇଁ ମାତ୍ର ଗୋଟିଏ ଗୃହ ରହିଛି। ଫଳରେ ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି ବୋଲି ପରିଚାଳନା କମିଟି ଓ ଅଭିଭାବକ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟମୁଖୀ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଏହି ଯୋଜନା କୋରାପୁଟରେ ଫେଲ୍ ମାରିଛି। ୧୯୯୪ରେ ସ୍ଥାପିତ ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଯାଏ ରହିଛି। ଏବେ ଏହି ୫ଟି ଶ୍ରେଣୀରେ ୬୦ରୁ ଊର୍ଦ୍ଧ୍ୱ ପିଲା ଗୋଟିଏ କୋଠରିରେ ପାଠ ପଢୁଛନ୍ତି। ବିଦ୍ୟାଳୟର ପୁରାତନ ଗୃହଟି ୫ ବର୍ଷ ହେଲା ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ଏହାକୁ ସଜଡାଯାଉନାହିଁ। ଏହି ଶ୍ରେଣୀଗୃହରେ ବିଦ୍ୟାଳୟର ଅଫିସ ମଧ୍ୟ ଚାଲିଛି। ଛାତ୍ରୀଛାତ୍ରଙ୍କୁ ପଢାଇବା ଲାଗି ଜଣେ ପ୍ରଧାନ ଶିକ୍ଷକ ଓ ଅନ୍ୟ ଜଣେ ସହକାରୀ ଶିକ୍ଷକ ରହିଛନ୍ତି। ଏପରି ସମସ୍ୟା ନେଇ ବିଦ୍ୟାଳୟ ଶିକ୍ଷକ, ପରିଚାଳନା କମିଟି ଓ ଅଭିଭାବକମାନେ ବାରମ୍ବାର ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ପ୍ରଧାନ ଶିକ୍ଷୟିତ୍ରୀ ସୁଦେଶିନା ଷଡ଼ଙ୍ଗୀଙ୍କୁ ପଚାରିବାରୁ ସେ କହିଲେ, ବିଦ୍ୟାଳୟର ପୁରାତନ ଗୃହ ବହୁଦିନରୁ ଭାଙ୍ଗିରୁଜି ଯାଇଥିବାରୁ ଗୋଟିଏ ଗୃହରେ ୫ଟି ଶ୍ରେଣୀ ଚାଲିଛି। ଏ ବିଷୟରେ ଅନେକ ଥର ଜିଲା ଶିକ୍ଷା ବିଭାଗକୁ ଅବଗତ କରାଯାଇଥିବା ସେ କହିଛନ୍ତି। ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ନେଇ କୋରାପୁଟ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଏ ସମ୍ପର୍କରେ ସେ ଅବଗତ ଅଛନ୍ତି। ବିଦ୍ୟାଳୟ ନୂତନ ଗୃହ ନିର୍ମାଣ ନେଇ ବିଭାଗ କୌଣସି ଅର୍ଥ ବ୍ୟବସ୍ଥା ନ ଥିବାରୁ ବିଦ୍ୟାଳୟ ଗୃହ ନିର୍ମାଣ ହୋଇପାରୁନାହିଁ। ଏ ଦିଗରେ କୋରାପୁଟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ସହ ଆଲୋଚନାକରି ସେ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ହଷ୍ଟେଲ ରୁମ୍‌ରେ ଛାତ୍ରୀଙ୍କ ଆତ୍ମହତ୍ୟା

ସୁନାବେଡା, କୋରାପୁଟ, ୧୦।୨
(କୃତ୍ତିବାସ ପ୍ରଧାନ/ଅମିତାଭ ବେହେରା)

ସୁନାବେଡା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଢୁଥିବା ଜଣେ ଛାତ୍ରୀ ବେକରେ ରଶି ବାନ୍ଧି ଶନିବାର ଆତ୍ମହତ୍ୟା କରିଛନ୍ତି। ଗାର୍ଲସ ହଷ୍ଟେଲ 'ବି' ବ୍ଲକ୍‌ର ୪୧୩ ନମ୍ବର ରୁମ୍‌ରେ ଛାତ୍ରୀ ଜଣକ ରହୁଥିଲେ। ତାଙ୍କ ନାମ ସନ୍ଧ୍ୟାରାଣୀ ଦାସ(୧୮) ବୋଲି ଜଣାପଡିଛି। ସନ୍ଧ୍ୟାରାଣୀ ବିଶ୍ୱବିଦ୍ୟାଳୟର ଇଣ୍ଟିଗ୍ରେଟେଡ଼ ଗଣିତ ବିଭାଗର ପ୍ରଥମ ବର୍ଷ ଛାତ୍ରୀ ଥିଲେ। କେନ୍ଦ୍ରାପଡା ଜିଲା ଦଧିବାମନପୁର,ହିଞ୍ଚଳ ଗ୍ରାମର ତପନ ଦାସଙ୍କ ଝିଅ ସନ୍ଧ୍ୟାରାଣୀ କେଉଁ ପରିସ୍ଥିତିରେ ହଷ୍ଟେଲ ଭିତରେ ଆତ୍ମହତ୍ୟା କଲେ ତାହା ଅସ୍ପଷ୍ଟ ରହିଛି। ସେ ହଷ୍ଟେଲରେ ଅନ୍ୟ ଜଣେ ସହପାଠିନୀଙ୍କ ସହ ରହୁଥିଲେ। ପରୀକ୍ଷା ସରି ଯାଇଥିବାରୁ ତାଙ୍କସହ ରହୁଥିବା ସହପାଠିନୀ ଜଣକ ଗତ ୨ ତାରିଖରୁ ଗ୍ରାମକୁ ଚାଲି ଯାଇଥିଲେ। ଫଳରେ ସନ୍ଧ୍ୟାରାଣୀ ରୁମରେ ଏକାକୀ ରହୁଥିଲେ। ଖବର ପାଇ ସୁନାବେଡା ଏସଆଇ ଚରଣ ସିଂ ମାଝୀ ସହକର୍ମୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଅନ୍ୟପକ୍ଷରେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ କ୍ୟାମ୍ପସ ଭିତରକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରବେଶ ଲାଗି ବାରଣ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସୁନାବେଡା ଥାନା ଦାୟିତ୍ୱରେ ଥିବା ସେମିଳିଗୁଡା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ କହିଛନ୍ତି।

# ଛାତ୍ରୀଙ୍କୁ ସଚେତନକଲେ ବାଲ୍ ରକ୍ଷା ଭାରତ କର୍ମୀ



ଛାତ୍ରୀମାନଙ୍କୁ ସଚେତନ କରାଯାଉଛି।

ସୁନାବେଡ଼ା/ସେମିଳିଗୁଡ଼ା, ୧୦।୨
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ବ୍ଲକ ରେଙ୍ଗା ଓ ସୁବାଇ ଏସ୍‌ଏସ୍‌ଡି ବାଳିକା ଆଶ୍ରମ ବିଦ୍ୟାଳୟର ଷଷ୍ଠରୁ ନବମ ପର୍ଯ୍ୟନ୍ତ ପାଠ ପଢୁଥିବା ଛାତ୍ରୀମାନଙ୍କୁ ନେଇ ବାଲ୍ ରକ୍ଷା ଭାରତ (ସେଭ ଦି ଚିଲ୍‌ଡ୍ରେନ୍) ପକ୍ଷରୁ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାର ୩ ଜଣିଆ ଟିମ୍ ଅରୁଣା ପଟ୍ଟନାୟକ, ଓବେଦ ସିଂ ଓ ଦୀପ୍ତି କୁମାରୀ ପାଢ଼ୀ ଆଶ୍ରମ ବିଦ୍ୟାଳୟରେ ପହଞ୍ଚି କିଶୋରୀମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କରିଥିଲେ। ଏହି ଅବସରରେ କିଶୋରୀମାନେ ଋତୁସ୍ରାବ ସମୟରେ କିପରି ନିଜକୁ ସୁସ୍ଥ ଓ ସୁରକ୍ଷିତ ରଖିପାରିବେ ସେନେଇ ସଚେତନ କରିଥିଲେ। କିଛି ସମସ୍ୟା ଉପୁଜିଲେ ଅଙ୍ଗନୱାଡି କର୍ମୀ, ଗାଁ ସ୍ୱାସ୍ଥ୍ୟ କର୍ମୀ ଓ ଡାକ୍ତରଖାନାରେ ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥିଲେ। କାର୍ଯ୍ୟକ୍ରମରେ ୨ ବାଳିକା ଆଶ୍ରମ ବିଦ୍ୟାଳୟର ପ୍ରାୟ ୬ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ଛାତ୍ରୀମାନଙ୍କୁ ନେଇ କୁଇଜ ଓ ଗ୍ରୁପ୍ ଆକ୍ଟିଭିଟି ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସମସ୍ତଙ୍କ ଜୀବନରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି


ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିବା ବାର୍ଷିକ କ୍ରୀଡା।

ଜୟପୁର, ୧୦।୨ (ପବନ ପାଣିଗ୍ରାହୀ)

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ବାର୍ଷିକ କ୍ରୀଡା ଆରମ୍ଭ**

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶନିବାର ଆରମ୍ଭ ହୋଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କ୍ରୀଡାବିତ୍ ଓ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ଏନ୍‌ସି ପଣ୍ଡା ବିଶ୍ୱବିଦ୍ୟାଳୟ ପତାକା ଉତ୍ତୋଳନ କରି କ୍ରୀଡ଼ା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଶିକ୍ଷା ପରାମର୍ଶଦାତା ପ୍ରଫେସର ଭି.ସି. ଝା, ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟ ଡିନ୍ ପ୍ରଫେସର ଶରତ ପାଲିତା, ଛାତ୍ର କଲ୍ୟାଣ ଡିନ୍ ଡ. ରମେନ୍ଦ୍ର ପାଢ଼ୀ, କ୍ରୀଡ଼ା ପରାମର୍ଶଦାତା ସଞ୍ଜୟ ଗନ୍ତାୟତ ଓ କ୍ରୀଡ଼ା ସଚିବ ବିଶ୍ୱଜିତ ଭୋଇ ଉପସ୍ଥିତ ଥିଲେ। ଏହି ଅବସରରେ ରେଜିଷ୍ଟ୍ରାର ପ୍ରଫେସର ପଣ୍ଡା କହିଥିଲେ, ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାରଙ୍କ ଫିଟ୍ ଇଣ୍ଡିଆ ଅଭିଯାନ ସମଗ୍ର ଭାରତରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୈତିକ ପ୍ରୋତ୍ସାହନ। ଏଥିରୁ ସିୟୁଓ ବ୍ୟତିକ୍ରମ ନୁହେଁ। ପ୍ରଫେସର ଭି.ସି.ଝା କହଲେ, କେବଳ କ୍ରୀଡ଼ାବିତ୍ ନୁହଁନ୍ତି, ସମସ୍ତ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଉଚିତ। ବିଶ୍ୱଜିତ ଭୋଇ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ପୌର ଅଧକ୍ଷଙ୍କୁ ଭେଟିବା ସୁଯୋଗ ମିଳୁନି

ସୁନାବେଡ଼ା, ସେମିଳିଗୁଡ଼ା, ୧୦।୨
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ବିଭିନ୍ନ କାର୍ଯ୍ୟରେ ଲୋକେ ପୌର ପରିଷଦକୁ ଆସିଥାନ୍ତି। ସେମାନଙ୍କ କାର୍ଯ୍ୟରେ ଅସୁବିଧା ହେଲେ ସେମାନେ ସଂସ୍ଥା ମୁଖ୍ୟଙ୍କୁ ଭେଟିବାକୁ ଚାହିଁଥାନ୍ତି। ତେବେ ଗତ କିଛିଦିନ ହେବ ବିଭିନ୍ନ କାର୍ଯ୍ୟରେ ପୌର ପରିଷଦକୁ ଆସୁଥିବା ଲୋକେ ସୁନାବେଡ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ରଙ୍କୁ ଭେଟିବାକୁ ସୁଯୋଗ ପାଉନାହାନ୍ତି। ଅନ୍ୟପକ୍ଷରେ ସେ ସରକାରଙ୍କ ନୂଆ-ଓ, ଯୁବ ଓଡ଼ିଶା, ମୋ କଲେଜ ଭଳି ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କରୁଥିବାରୁ ସାଧାରଣ ଲୋକେ ତାଙ୍କୁ ଭେଟିବାକୁ ସୁଯୋଗ ପାଉନାହାନ୍ତି ବୋଲି କୁହାଯାଉଛି। ଏପରିକି ପୌର ନିର୍ବାହୀ ଅଧିକାରୀଙ୍କ ମଧ୍ୟ ଦେଖାମିଳୁନାହିଁ। ଏପରି ସ୍ଥଳେ ଲୋକେ କାହାକୁ ନିଜ ସମସ୍ୟା ସମ୍ପର୍କରେ ଜଣାଇବେ ବୋଲି ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସ୍ଲମ୍ ଏବଂ ନନ୍‌ସ୍ଲମ୍ ଭଳି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସରକାରୀ ସଚେତନତାମୂଳକ କାର୍ଯ୍ୟକ୍ରମ ଚାଲିଛି। ସେଥିପାଇଁ ସେ କାର୍ଯ୍ୟାଳୟରେ ରହିପାରୁନାହାନ୍ତି। ଯଦି କେହି କୌଣସି କାମ ପାଇଁ କାର୍ଯ୍ୟାଳୟ ଆସି ନିରାଶ ହେଉଛନ୍ତି ତେବେ ତାଙ୍କ ବ୍ୟକ୍ତିଗତ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ପାତ୍ର ପ୍ରକାଶ କରିଛନ୍ତି।

### ସମ୍ବିତ ମାଝି ନନ୍ଦପୁର ନୂଆ ଏସ୍‌ଡିପିଓ

ନନ୍ଦପୁର, ୧୦।୨ (ଶଙ୍କର ପୂଜାରୀ)

ନନ୍ଦପୁରରେ ନୂତନ ଏସ୍‌ଡିପିଓ ଭାବେ ସମ୍ବିତ କୁମାର ମାଝି ଯୋଗଦେଇଛନ୍ତି। ଉପସ୍ଥିତ ପୂର୍ବତନ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ମାଝିଙ୍କୁ ସ୍ୱାଗତକରି ନନ୍ଦପୁର ପୋଲିସ ଉପଖଣ୍ଡର ୩ ଥାନା ନନ୍ଦପୁର, ପାଡୁଆ, ମାଛକୁଣ୍ଡ ଏବଂ ୪ ଫାଣ୍ଡି ଲମତାପୁଟ, ରାଣୀତୋଟା, ଜୋଲାପୁଟ ଓ ଚାଟୁଆ ଅଞ୍ଚଳ ସମ୍ପର୍କରେ ସୂଚନା ଦେଇ ତାଙ୍କ ସଫଳତା କାମନା କରିଥିଲେ। ନନ୍ଦପୁର ପ୍ରେସ୍‌କ୍ଲବ ପକ୍ଷରୁ ଖବରଦାତା ତୁଷାରକାନ୍ତ ମହାନ୍ତି, ତ୍ରିନାଥ ଖରା, ନନ୍ଦପୁର ଥାନା ଅଧିକାରୀ ଆଶ୍ରିତା ଖାଲକୋ, ଏସ୍‌ଆଇ ବେଦବର ସାହୁ, ଦୀପ୍ତିମୟୀ ଧାଙ୍ଗୁଆ ଏସ୍‌ଡିପିଓଙ୍କୁ ଭେଟି ଶୁଭେଚ୍ଛା ଜଣାଇ ଥିଲେ।

# ୨ ପୋଲିସ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଲେ ବ୍ଲକବାସୀ



ନନ୍ଦପୁର, ୧୦।୨ (ଶଙ୍କର ପୂଜାରୀ)

ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ରଙ୍କ ସମେତ ମାଛକୁଣ୍ଡ ଥାନା ଅଧିକାରୀ ଡମ୍ବରୁଧର ବାଡ୍ରିଆଙ୍କୁ ନନ୍ଦପୁର ବ୍ଲକବାସୀ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ଅବସରରେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନବନିଯୁକ୍ତ ୫ ଯୁବ ଡାକ୍ତର ସ୍ମୃତିରଞ୍ଜନ ପ୍ରଧାନ, ନିହାର ରଞ୍ଜନ ସାହୁ, ଏସ୍.କେ. ହେଦୟାତୁଲା, ସନ୍ଦୀପ ପଣ୍ଡା, ସ୍ୱପ୍ନଜାରାଣୀ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ବିଭାଗର ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ, ସାହିତ୍ୟିକ, ଲୋକ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ବ୍ୟବସାୟୀ ଉପସ୍ଥିତ ଥିଲେ। ବିଡିଓ ଦୁର୍ଗାପ୍ରସାଦ ଦୋରା, ତହସିଲଦାର ଅନାଦି ଚରଣ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ଜିପିଇଓ ବେଦାନ୍ତ ମାଝି, ନନ୍ଦପୁର ଥାନା ଅଧିକାରୀ ଆଶ୍ରିତା ଲାକ୍ରା, ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରି, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଟୁନେସ ପାତ୍ର ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନନ୍ଦପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ା, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁ ଚରଣ ସେଠୀ, ଟିପି ଏସ୍‌ଓଡିଏଲ୍ ସହକାରୀ ଯନ୍ତ୍ରୀ ବିସିକେଶନ ପ୍ରଧାନ, ଯନ୍ତ୍ରୀ ବିକାଶ ଚୌଧୁରୀ, ଲିଙ୍ଗରାଜ ଚୌଧୁରୀ, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗୀ, ମୁନା ଦଳପତି, ପ୍ରଭାତ ଗୁରୁମାଇ, ବ୍ୟବସାୟୀ କେଶବ ଚୌଧୁରୀ, ସନ୍ତୋଷ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସମସ୍ତେ ମହାପାତ୍ରଙ୍କ କାର୍ଯ୍ୟକାଳ ସମୟର ବିଭିନ୍ନ ଅନୁଭୂତିକୁ ମନେପକାଇ ତାଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ। ଖବରଦାତା ତ୍ରିନାଥ ଖରା ଓ ତୁଷାରକାନ୍ତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଇଭିଏମ୍‌ରେ ମତଦାନ ନେଇ ସଚେତନତା

କୋରାପୁଟ, ୧୦।୨ (ଅମିତାଭ ବେହେରା)


ଇଭିଏମ୍‌ରେ ଭୋଟଦାନ ନେଇ ଲୋକଙ୍କୁ ସଚେତନ କରାଯାଉଛି।

କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ଇଭିଏମ୍ ଜରିଆରେ ମତଦାନ ସାବ୍ୟସ୍ତ ନେଇ ଭୋଟରମାନଙ୍କୁ ସଚେତନ କରାଯାଇଛି । ଉକ୍ତ ଅଞ୍ଚଳରେ ୨୧ଟି ୱାର୍ଡରେ ଥିବା ୩୬ ବୁଥ୍‌ର ମତଦାତାମାନଙ୍କୁ ଇଭିଏମ୍‌ରେ କିପରି ମତଦାନ ସାବ୍ୟସ୍ତ କରିପାରିବେ ସେନେଇ ଡେମନଷ୍ଟ୍ରେଶନ ମାଧ୍ୟମରେ ସଚେତନ କରାଯାଇଥିଲା। ୯ ନମ୍ବର ୱାର୍ଡ କନକଦୁର୍ଗା ମନ୍ଦିର କଲୋନିରେ ଥିବା ପଲିଟୋରି ଫାର୍ମ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଥିବା ଏହି ସଚେତନ କାର୍ଯ୍ୟକ୍ରମରେ ମ୍ୟୁନିସିପାଲିଟିରେ ମହେନ୍ଦ୍ର ପଟ୍ଟଙ୍କ ସମେତ ଶଶିକାନ୍ତ ସ୍ୱାଇଁ, ଭରତ ହାଲୁଆ ଓ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବେ ଶିବଲ ସୋରେନ, ସହକାରୀ ଯନ୍ତ୍ରୀ ସୁଧୀର ଦାସ, ଉମେଶ ବେହେରା, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପାଣିଗ୍ରାହୀ ଉପସ୍ଥିତ ଥିଲେ। ବର୍ତ୍ତମାନ ସୁଦ୍ଧା ମ୍ୟୁନିସିପାଲିଟିରେ ୯ଟି ୱାର୍ଡରେ ଏପରି ସଚେତନ କାର୍ଯ୍ୟକ୍ରମ ଶେଷ ହୋଇଛି। ଅନ୍ୟ ୧୨ଟି ୱାର୍ଡରେ ଏପରି ସଚେତନତା କାର୍ଯ୍ୟକ୍ରମ ଚାଲିଥିବା ମ୍ୟୁନିସିପାଲିଟି ପକ୍ଷରୁ କୁହାଯାଇଛି।

# ରାଜ୍ୟ ସଭାରେ ଏସ୍‌ସିଏସ୍‌ଟି ସଂଶୋଧନ ତାଲିକା ବିଲ୍‌କୁ ମଞ୍ଜୁରୀ

ପଟ୍ଟାଙ୍ଗି, ୧୦।୨ (ଶରତ ଧଳ)

**କୃତଜ୍ଞତା ଜଣାଇଲା ଦୋରା ସମ୍ପ୍ରଦାୟ**

ଦୀର୍ଘ ବର୍ଷର ସଂଗ୍ରାମ ଏବଂ ଦାବି ରାଜ୍ୟ ସଭାରେ ଏସ୍‌ସିଏସ୍‌ଟି ସଂଶୋଧନ ତାଲିକା ବିଲ୍ ମଞ୍ଜୁର ହୋଇଛି। ଏ ଦିଗରେ ଜନ ପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇଛନ୍ତି କୋରାପୁଟ ଜିଲାରେ ବସବାସ କରୁଥିବା ଦୋରା ସମ୍ପ୍ରଦାୟ। ଖବରରୁ ଜଣାପଡିଛି, ଦୋରା, ଦୁରୁଆ, କୋଣ୍ଡାରେଡ୍ଡି, ମୁକାଦୋରା ଓ ନୁକାଦୋରା ପରି ସମ୍ପ୍ରଦାୟର ପରିବାର ସଦସ୍ୟ ଆଦିବାସୀ ରୀତିନୀତି ଅନୁଯାୟୀ ଚଳି ଆସୁଥିଲେ। ମାତ୍ର ଏମାନଙ୍କୁ ଆଦିବାସୀ ମାନ୍ୟତାରୁ ବଞ୍ଚିତ କରାଯାଇଥିଲା। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଏଥିପ୍ରତି ଗୁରୁତ୍ୱ ଦେଇ ୨୦୧୯ ପରଠାରୁ ସଂସଦରେ ଏହି ଦାବି ବାରମ୍ବାର ଉଠାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ। ଏପରି ସ୍ଥିତିରେ ଦୋରା ସମ୍ପ୍ରଦାୟ ୧୯୭୮ରୁ ନିଜ ସମ୍ପ୍ରଦାୟକୁ କିପରି ଆଦିବାସୀ ମାନ୍ୟତା ମିଳିବ ସେନେଇ ଉଦ୍ୟମ ଆରମ୍ଭ କରି ନିଜ ସଙ୍ଗଠନ ମାଧ୍ୟମରେ ୨୦୦୮ରୁ ଏହାକୁ ଆନ୍ଦୋଳନର ରୂପ ଦେଇଥିଲା। ଏଥିପାଇଁ ଏହି ଦୋରା ସମ୍ପ୍ରଦାୟର ପରିବାର ସଦସ୍ୟ ପଞ୍ଚାୟତ ଓ ଦୁଇଟି ବିଧାନସଭା ନିର୍ବାଚନଠାରୁ ଦୂରେଇ ରହିଥିଲେ। ବର୍ତ୍ତମାନ ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଦୋରା ସମ୍ପ୍ରଦାୟର କି ପ୍ରକାର ଭୂମିକା ରହିବ ସେନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି। ବିଳମ୍ବରେ ହେଲେ ମଧ୍ୟ ଦୋରା ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ମିଳିଥିବାରୁ ଉକ୍ତ ସମ୍ପ୍ରଦାୟର ଜିଲା ସଭାପତି ବୈଦ୍ୟନାଥ ଗେମେଲ, ଆବାହକ ତାଉଡୁ ଦୋରା, ସାଧାରଣ ସମ୍ପାଦକ ଶଙ୍କର ପାଙ୍ଗୀ ଉପଦେଷ୍ଟା ଗେମେଲ ଆପାନା ଓ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଆଦିବାସୀଙ୍କ ଶୈକ୍ଷିକ ବିକାଶରେ ସହାୟକ ହେବ: କୁଳପତି

ଜୟପୁର, ୧୦।୨ (ପବନ ପାଣିଗ୍ରାହୀ)


ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ଜନଜାତି ଶିକ୍ଷା ସମ୍ବନ୍ଧୀୟ ଜାତୀୟ ପତ୍ରବାଚନ ଉଦ୍‌ଘାଟିତ**

ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଶିକ୍ଷକ-ଶିକ୍ଷା ବିଭାଗ ଆନୁକୂଲ୍ୟରେ ତଫସିଲଭୁକ୍ତ ଜନଜାତି ଶିକ୍ଷା ପ୍ରସଙ୍ଗ ଉପରେ ଦୁଇଦିନିଆ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଶ୍ୱବିଦ୍ୟାଳୟର କୁଳପତି କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। କୁଳସଚିବ ରଞ୍ଜନ ପ୍ରଧାନ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. କିଚକ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଏନ୍‌ସିଆର୍‌ଟି ଅନୁବନ୍ଧିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ଡ. ନିତ୍ୟାନନ୍ଦ ପ୍ରଧାନ ଯୋଗଦେଇ ଜନଜାତି ଶିକ୍ଷାର ବିଭିନ୍ନ ଦିଗ, ସମସ୍ୟା, ଆହ୍ୱାନ ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସେମିନାରରେ ପତ୍ରବାଚନର ଆୟୋଜନ, ଉଦ୍ଦେଶ୍ୟ ଓ ଦୁଇଦିନିଆ ଆଲୋଚନାର ରୂପରେଖ ସମ୍ପର୍କରେ ଆଲୋଚନା ହୋଇଥିଲା। କୁଳପତି ଏହି ପତ୍ରବାଚନର ଫଳାଫଳ ସୁଦୂରପ୍ରସାରୀ ହେବ। ଏହା ଅବିଭକ୍ତ କୋରାପୁଟ ଜିଲାର ଆଦିବାସୀମାନଙ୍କ ଶୈକ୍ଷିକ ବିକାଶରେ ବିଶେଷ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମଞ୍ଚାସୀନ ସମସ୍ତ ଅତିଥିଙ୍କୁ ଉପଢୌକନ, ସ୍ମୃତିଫଳକ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷା ବିଭାଗର ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ ଜାତୀୟ ଶିକ୍ଷାନୀତି-୨୦୨୦ ଓ ଜାତୀୟ ପାଠ୍ୟକ୍ରମ ଆଧାର-୨୦୨୩ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଛାତ୍ର ଦେବରଞ୍ଜନ ରୟ ଓ ଛାତ୍ରୀ ପ୍ରିୟଦର୍ଶିନୀ ମାଝି ଅତିଥି ପରିଚୟ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଲୋକେଶ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଦୁଇଟି ସମାନ୍ତରାଳ ଅଧିବେଶନରେ ଏହି ଆଲୋଚନାଚକ୍ର ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ସମ୍ବଲପୁର ପିଏମ୍‌ଆଇଏଏସ୍‌ଇର ପ୍ରଫେସର ଦିବାକର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ଅମୂଲ୍ୟ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଦୁଇଟି ସମାନ୍ତରାଳ ଅଧିବେଶନରେ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଓ ପ୍ରଫେସର ଦେବେନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରଫେସର ଭରତ ପଣ୍ଡା ଓ କୋରାପୁଟ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶିକା ଡ. ଲତିକା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସନ୍ଧ୍ୟାରେ ପ୍ରଫେସରମାନଙ୍କ ସହ ବିଏଡ୍ ଛାତ୍ରୀଛାତ୍ରଙ୍କ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା।

# ଆରମ୍ଭ ହେଲା ବଂଶଧାରା ବସନ୍ତ ମହୋତ୍ସବ

**ଗୁଣପୁର,୧୦।୨(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ଗୁଣପୁରର ଦ୍ୱାଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଶନିବାର ଆରମ୍ଭ ହୋଇଛି। ଏହି ଉତ୍ସବକୁ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ ଉଦ୍‌ଘାଟନ କରିଛନ୍ତି। ଶନିବାର ସକାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ଶୋଭାଯାତ୍ରା ବାହାରିଥିଲା। ଜୁନାଗଡ ଦୁଲଦୁଲି, ଆନ୍ଧ୍ର ଓ୍ୱିରଗୋଟମ୍‌ର କାଳୀନୃତ୍ୟ ସହ ଡାମ୍ପ, ତଷଢୋଲ, ତୁରି, ସଂକୀର୍ତ୍ତନ ଓ ଆଦିବାସୀ ନୃତ୍ୟରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ଆଜ୍ଞାମାଳକୁ ଉତ୍ସବ ପଡିଆକୁ ଅଣାଯାଇଥିଲା। ଏହି ସମୟରେ ବ୍ଲକ ଅଧ୍ୟକ୍ଷା ଝିଲି ଶବର ଓ ଉପାଧ୍ୟକ୍ଷ ଶୁଦର୍ଶନ ଶବର ଯୋଗ ଦେଇଥିଲେ।

ସନ୍ଧ୍ୟାରେ ପରିଚାଳନା କମିଟି ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ କରାଯାଇଥିଲା। ଉପସଭାପତି ଉମା ଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପୌରାଧ୍ୟକ୍ଷା ମମତା ଗୌଡ, ଓକିଲ ସଂଘ ସଭାପତି ଉମାଚରଣ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପଟ୍ଟନାୟକ, ଫଣୀଭୂଷଣ ପଟ୍ଟନାୟକ, ରାଜେନ୍ଦ୍ର ପାଢି, ଅବସରପ୍ରାପ୍ତ ଓଏଏସ୍ ଲଲାଟେନ୍ଦୁ ମିଶ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ରଞ୍ଜିତ ପାଢି ସମ୍ପାଦକୀୟ ବିବରଣୀ ପାଠ କରି ୧୨ ବର୍ଷର ସଫଳତାର ଶ୍ରେୟ ଗୁଣପୁରବାସୀଙ୍କୁ ଦେଇଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଓ ଡଃ ଚନ୍ଦନ ଗନ୍ତାୟତଙ୍କ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ସଂସ୍କୃତି ବିଭାଗ ପକ୍ଷରୁ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ନୃତ୍ୟଦଳ ମଧ୍ୟ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ବେବିରାଣୀ ନନ୍ଦ ଉଦଘୋଷିକା ଭାବେ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଏସ୍. ବାବା ପ୍ରଶାଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ଶିବ ପ୍ରଶାଦ ଗୌଡ, କାଉନସିଲର ଭାଗିରଥି ବିଷୋୟୀ, ପ୍ରମୋଦ ଦାସ, କୈଳାସ ଦାସ, ତ୍ରିପତି ମହାନ୍ତି, କୈଳାସ ଦାସ, ସମ୍ପାଦକ ରାମ ପଣ୍ଡା, ଲକ୍ଷ୍ମୀ ମହାକୁଡ, ଶକ୍ତି ଦାସ, ସଂଯୋଜକ ବି. ସତିଶ କୁମାର, ରାଜେଶ ପାଢି, ଚିନ୍ମୟ ପାଣିଗ୍ରାହୀ, ରବି କୁମାର, ଅନୁପୁଜୁ ସନ୍ତୋଷ, ଫାଲଗୁନି ଶବର, ଅଶୋକ କର, ନିଖିଲ ପାଢି, ଅଜିତ ପଣ୍ଡା, ମୁନା ପାଢି, ଶିବା ଡାକୁଆଙ୍କ ସମେତ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।


ଶୋଭାଯାତ୍ରାରେ ସାମିଲ ହୋଇଥିବା ଆନ୍ଧ୍ର ଓ୍ୱିରଗୋଟମ୍‌ର କାଳୀନୃତ୍ୟ।

- ଜଗନ୍ନାଥ ମନ୍ଦିରରୁ ଆସିଲା ଆଜ୍ଞାମାଳ
- ଶୋଭାଯାତ୍ରାରେ କାଳୀନୃତ୍ୟ, ଦୁଲ୍‌ଦୁଲି ସହ ଆଦିବାସୀ ନୃତ୍ୟ ସାମିଲ
- ଦର୍ଶକଙ୍କୁ ବାନ୍ଧି ରଖିଲା ଶୈଳଭାମାଙ୍କ ସଙ୍ଗୀତ, କଳାକରଙ୍କ ନାଚ


ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ


ବ୍ଲକ ଅଧ୍ୟକ୍ଷା ସଞ୍ଜୁକ୍ତା କୁଲେସିକା କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

**ରାୟଗଡ଼ା,୧୦।୨(ଆଶିଷ ରଞ୍ଜନ ପଣ୍ଡା)**

କୋଲନରା ବ୍ଲକ ସ୍ଥିତ ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସଞ୍ଜୁକ୍ତା କୁଲେସିକା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ବର୍ତ୍ତମାନ ଶିକ୍ଷା ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି, ଯାହାର ସୁବିଧା ଛାତ୍ରୀଛାତ୍ର ନିଅନ୍ତୁ। ଶିକ୍ଷା ଗ୍ରହଣ ସହିତ ଅନ୍ୟାନ୍ୟ ପ୍ରତିଯୋଗିତାରେ ମଧ୍ୟ ଭାଗନେବାକୁ ପ୍ରେରଣା ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଆଇ.ଧବଳେଶ୍ୱର ନାଇଡୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପିତୃଦେବ ବିଡିକା ଯୋଗଦେଇଥିଲେ। ସମ୍ମାନିତ ଅତିଥିମାନେ ମଧ୍ୟ ଶିକ୍ଷାକୁ ପ୍ରାଥମିକତା ଦେବା ପାଇଁ ପରାମର୍ଶ ଦେଇଥିଲେ। ସରକାର ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି। ଆମ ସମୟରେ ଏତେ ସୁବିଧା ନ ଥିଲା ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ନବୀନ ଓଡ଼ିଶା ସଂଯୋଜକ ପି. ଗୌରୀ ଶଙ୍କର, ବିଆର୍‌ସିସି ଡାଳିମ୍ବ ସୂର୍ଯ୍ୟ, ସିଆର୍‌ସିସି ଦୀପକ ସାହୁ, ଅଭୟ କୁମାର ମଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଦ୍ୟାଧର ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାସ, ସୁଜାତା ମିଶ୍ର, ମିନତୀ ମିଶ୍ର, ଅମରାବତୀ ଉଲାକା ଓ ମାଡି ଯମୁନା ପରିଚାଳନା କରିଥିଲେ।

# ମାସ୍ ଡ୍ରଗ୍ ଆଡମିନିଷ୍ଟ୍ରେଶନ କାର୍ଯ୍ୟକ୍ରମ

**ଜେକେପୁର,୧୦।୨(ନିଧି ଗାଣ୍ଡେଚା)**

ଜେକେ ପେପରମିଲର ପିଆର ଏବଂ ସିଏସ୍‌ଆର ବିଭାଗ ଓ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ କମ୍ପାନୀ ପରିସରରେ ଲିମ୍ଫାଟିକ ଫିଲାରିଆସିସ ନିରାକରଣ ଦିଗରେ ଏକ ମାସ୍ ଡ୍ରଗ୍ ଆଡମିନିଷ୍ଟ୍ରେଶନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଫିଲାରିଆସିସ୍ ରୋକିବା ପାଇଁ ନିକଟସ୍ଥ ଗ୍ରାମଗୁଡିକର ଜନସାଧାରଣଙ୍କୁ ଏହି ଅବସରରେ ସଚେତନ କରାଯାଇଥିଲା।



ଏହି ସଚେତନତା ଦ୍ୱାରା ସ୍ଥାନୀୟ ବାସିନ୍ଦା ଉପକୃତ ହେବେ ବୋଲି ଆଶା କରାଯାଉଛି। ଫେବୃଆରି ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ହେବ। ଏଥିରେ ସ୍ଥାନୀୟ ଲୋକଙ୍କୁ ଲିମ୍ଫାଟିକ୍ ଫିଲାରିଆସିସ୍ ବିଷୟରେ ଅବଗତ କରାଯାଇଥିଲା

# ସୁଜ୍ଞାନ କୁମାରୀଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି

**ରାୟଗଡ଼ା,୧୦।୨(ଆଶିଷ ରଞ୍ଜନ ପଣ୍ଡା)**

ଖଲିକୋଟ ରାଣୀ ତଥା ବିଜେଡି ବିଧାୟିକା ସ୍ୱର୍ଗତ ଭି.ସୁଜ୍ଞାନ କୁମାରୀ ଦେଓଙ୍କ ବିୟୋଗରେ ରାୟଗଡ଼ାରେ ଶୋକସଭା ଆୟୋଜନ କରାଯାଇଛି। ରାଜ୍ୟସଭା ପୂର୍ବତନ ସଦସ୍ୟ ତଥା ବିଜେଡି ରାଜ୍ୟ ଉପସଭାପତି ଏନ୍.ଭାସ୍କର ରାଓଙ୍କ ବାସଭବନରେ ଆୟୋଜିତ ଏହି ଶୋକସଭାରେ ୩ଶହରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗଦେଇଥିଲେ। ସୁଜ୍ଞାନ ଦେଓ ଜଣେ ଦକ୍ଷ ରାଣୀ ସହିତ ପରୋପକାରୀ ଥିଲେ ବୋଲି କହି ଭାସ୍କର ରାଓ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଶୋକସଭାରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝି, ରାଜ୍ୟ ସମ୍ପାଦକ ଚନ୍ଦ୍ରକାନ୍ତ ସାମଲ, ରାଜ୍ୟ ମହିଳା ଉପସଭାନେତ୍ରୀ ସୁଜାତା ପାଲ, ଜିଲା ମହିଳା ସଭାନେତ୍ରୀ ଶ୍ରମିତା ପାଢ଼ୀ ଓ ଯୁବନେତା ଶ୍ରୀକାନ୍ତ ଚୌଧୁରୀଙ୍କ ସମେତ ବରିଷ୍ଠ ନେତା ଓ କାଉନସିଲରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ବିଜେଡି ଉପସଭାପତି ବିନାୟକ କର ପରିଚାଳନା କରିଥିଲେ।



# ଖ୍ରିଲାମଣ୍ଡା ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପଦ୍ମପୁର,୧୦।୨(ପ୍ରଶାନ୍ତ କର)**

ପଦ୍ମପୁର ବ୍ଲକ ଖ୍ରିଲାମଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲା ବିଜେଡ଼ି ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ମୁଖ୍ୟ ବକ୍ତା ଜିଲା କଲ୍ୟାଣ ବିଭାଗ ଶିକ୍ଷା ମଣ୍ଡଳାଧୀସ ଶ୍ୟାମ ଘନ ଭୟାଁ, ସମ୍ମାନୀତ ଅତିଥି ପଦ୍ମପୁର ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର, ବିଡିଓ ସୁଜିତ କୁମାର ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ଶବର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସସ୍ମିତା ରଥ, ପୂର୍ଣ୍ଣବାସି ଶବର, ଜିଲା ପରିଷଦ ସଦସ୍ୟ ରବିନାରାୟଣ ଆଚାର୍ଯ୍ୟ ଓ ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରୀମାନେ କିଭଳି ଶିକ୍ଷା ଓ କ୍ରିଡ଼ାରେ ଜିଲାସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରରେ ଏହି ଶିକ୍ଷାନୁଷ୍ଠାନ ପିଲା ନା ରଖିଛନ୍ତି ସେ ଉପରେ ବୁଝାଇ ଥିଲେ। ଅନୁଷ୍ଠାନ ଶିକ୍ଷକ ଟଙ୍କଧର ଲିମାଲପୁରୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନ ପ୍ରଧାନ ଶିକ୍ଷୟିତ୍ରୀ କୁମକୁମ୍ ସ୍ୱାଇଁ ଓ ଖ୍ରିଲମଣ୍ଡା ସରକାରୀ ମାଧ୍ୟମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ସୁନୀଲ କୁମାର ପାଢ଼ୀ ଛାତ୍ରୀଙ୍କୁ ଉଚ୍ଚ ଅଭିଳାସି ହେବା ସହ ଆଜିର ଛାତ୍ରୀ ଭବିଷ୍ୟତର ଜଣେ ମହିୟସୀ ମହିଳାଙ୍କ ଭୂମିକା ଗ୍ରହଣ କରିବ ବୋଲି କହଥିଲେ। ଆମଦେଶର ରାଷ୍ଟ୍ରପତି ଯେକି ଜଣେ ମହିଳା ହୋଇ ସମ୍ମାନ ବଢାଇଛନ୍ତି ବୋଲି କହିଥିଲେ। ରାଜସ୍ଥାନ ଜୟପୁରରେ ଅନୁଷ୍ଠିତ ଜାତୀୟସ୍ତରୀୟ କବାଡି ପ୍ରତିଯୋଗୀତାରେ ଏହି ବିଦ୍ୟାଳୟ ଛାତ୍ରୀ ଲିଲି କାସ୍କା କ୍ରୀଡ଼ା ପ୍ରଦର୍ଶନ କରି ସମ୍ମାନିତ ହୋଇଥିବାରୁ ସମସ୍ତେ ପ୍ରଶଂସା କରିଥିଲେ। ଏଥିରେ ବିଦ୍ୟାଳୟର ଝୁନୁ ମିଶ୍ର, ସଂଯୁକ୍ତା ରାଣୀ ରଥ, ଲକେଶ୍ୱରୀ ବିଡିକା, ଇନ୍ଦ୍ରାଣୀ ଦାସ, ଧରିତ୍ରୀ ସାହୁ, ସମର୍ପିତା ପତି, ଦିପ୍ତିମୟୀ ପଣ୍ଡା, ସୁନିତା କୁମାରୀ ତାରିଣିଆ, ଅନୁପମା ନାୟକ, ସୁବାସ ଚନ୍ଦ୍ର ଗରଡିଆ, ସୁମନ ପଣ୍ଡା, ଚନ୍ଦନ ବିଡିକା,ଯେତ୍ରବାସୀ ସ୍ୱାଇଁ ଓ ବୃନ୍ଦାବନ ସାହୁଙ୍କ ସହ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ ।


ଅତିଥିମାନେ କୃତି ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

# 'ସୃଜନ ୨.୦' ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଗୁଣପୁର, ୧୦।୨(ପ୍ରଦୀପ କୁମାର ପାଢ଼ୀ)**

## ଜିଆଇଇଟି ବିଶ୍ୱବିଦ୍ୟାଳୟର ବାର୍ଷିକ ଟେକ୍ନୋ ସାଂସ୍କୃତିକ ଉତ୍ସବ

ରାୟଗଡା ଜିଲା ଗୁଣପୁର ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟରେ ତିନିଦିନିଆ ବାର୍ଷିକ ଟେକ୍ନୋ ସାଂସ୍କୃତିକ ଉତ୍ସବ "ସୃଜନ ୨.୦" ଶନିବାର ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଗାନ୍ଧୀ ପବ୍ଲିକ ସ୍କୁଲରୁ ସକାଳେ ଏକ ମାରାଥନ ବାହାରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହାକୁ ବିଶ୍ୱବିଦ୍ୟାଳୟର ଉପସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା ଓ ରେଜିଷ୍ଟ୍ରାର ଡ଼ ଏନ୍.ଭି. ଜେ. ରାଓ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡ଼ ଏ.ଭି. ଏନ୍. ଏଲ୍. ଶର୍ମା, ସ୍କୁଲ ଅଫ ଇଞ୍ଜିନିୟରିଂ ଡିନ ଡ଼. ଏ.ବି. ଶ୍ରୀନିବାସ ରାଓ, ପରୀକ୍ଷା ନିୟନ୍ତ୍ରକ ଡ଼. ପି. ବିଜୟ କୁମାର ସମସ୍ତ ବିଭାଗର ଅଧ୍ୟାପକ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଏନ୍‌ସିସି ଓ ବିଶ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହାପରେ ସୃଜନ ୨.୦ ଉଦ୍‌ଘାଟନ କରାଯାଇଛି। କାର୍ଯ୍ୟକ୍ରମ ଆବାହକ ଡ଼. ବିଭୁ ପ୍ରସାଦ ସ୍ୱାଗତ ଭାଷଣ ଦେଇଥିଲେ। ଟିକିରିସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍ ସଭାପତି ତଥା ୟୁନିଟ ମୁଖ୍ୟ ମଜହାର ବେଗ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଉପସଭାପତି ପଣ୍ଡା ଛାତ୍ରୀଛାତ୍ରଙ୍କୁ ନିଜ ଅନ୍ତର୍ନିହିତ ଗୁଣାବଳିର ବିକାଶ ନିମନ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ମହାନିର୍ଦ୍ଦେଶକ ଡ଼ ଜଗଦୀଶ ପଣ୍ଡା ଛାତ୍ରୀଛାତ୍ରଙ୍କ ପ୍ରକଳ୍ପକୁ ଆନ୍ତର୍ଜାତକସ୍ତରରେ ପରିଚିତ କରାଇବାକୁ କହିଥିଲେ। କୁଳପତି ଶର୍ମା ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ବାର୍ଷିକ ପୁସ୍ତିକା 'ପ୍ରୟାସ'କୁ ଅତିଥି ଉନ୍ମୋଚିତ କରିଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ପୂର୍ବରୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ସହ ୧୦୦ରୁ ଉର୍ଦ୍ଧ ପ୍ରକଳ୍ପ ଯଥା ମଡେଲ ଫିଷ୍ଟା, ୱେଷ୍ଟ ଓ କ୍ରାଫ୍ଟ, ମେଗା ଷ୍ଟ୍ରୋକଚର୍, ଲେନ୍ ଗମିଂ ଭଳି ପ୍ରକଳ୍ପର ପ୍ରଦର୍ଶନ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ହାସ୍ୟକର ଦେବାଶିଷ ରଥଙ୍କ କାର୍ଯ୍ୟକ୍ରମ ରହିଥିଲା। ଡ. ତୁଷାରକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଧାର ଟଙ୍କା ନେଇ ଗଣ୍ଡଗୋଳ, ଯୁବକ ଗିରଫ

**ବ୍ରହ୍ମପୁର,୧୦।୨ (ସୁବାସ ଚନ୍ଦ୍ର ପାଢ଼ୀ)**

ଧାର ଟଙ୍କା ନେଇ ଗଣ୍ଡଗୋଳ କରିଥିବା ଜଣେ ଯୁବକଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ସଦର ଥାନା ଅନ୍ତର୍ଗତ ନଳୀହାଡ ଗ୍ରାମର ତୋଫାନ ବିଷୋୟୀ ବୋଲି ପୋଲିସ କହିଛି। ଏ ସଂକ୍ରାନ୍ତରେ ପୋଲିସ ନଂ.୭୮/୨୪ ମାମଲା ରୁଜୁ କରି ତଦନ୍ତ କରୁଛି। ତୋଫାନ ଓ ତାଙ୍କ ବଡ ଭାଇ ମିଥୁନ ବିଷୋୟୀ ନିଜ ସ୍ୱାସ୍ଥ୍ୟ ସମସ୍ୟା, ଗୃହ ନିର୍ମାଣ ଓ ବ୍ୟକ୍ତିଗତ ଜରୁରୀ ଥିବା ଦର୍ଶାଇ ବିଭିନ୍ନ ଲୋକଙ୍କ ଠାରୁ ପ୍ରାୟ ୧୧ ଲକ୍ଷ ଟଙ୍କା ଧାର ନେଇଥିଲେ। ତେବେ ଧାର ଟଙ୍କା ଫେରାଇବା ପାଇଁ ଲୋକମାନେ ଦୁଇ ଭାଇଙ୍କୁ କହିବା ପରେ ସେମାନେ ଦିନ ଗଡାଇ ଚାଲିଥିଲେ । ବାରମ୍ବାର ଟଙ୍କା ମାଗି ନିରାଶ ହେବା ପରେ ଧାର ଦେଇଥିବା ଲୋକମାନେ ସଦର ଥାନାକୁ ଯାଇ ଦୁଇ ଭାଇଙ୍କ ବିରୋଧରେ ଅଭିଯୋଗ କରିଥିଲେ । ସେତେବେଳେ ଉଭୟ ଟଙ୍କା ଫେରାଇ ଦେବେ ବୋଲି କହିଥିଲେ। ହେଲେ ନିର୍ଦ୍ଧାରିତ ସମୟ ସରିବା ପରେ ଲୋକମାନେ ଟଙ୍କା ମାଗିବାରୁ ସାନଭାଇ ତୋଫାନ ଧମକ ଦେଇଥିଲେ ।

# ଫାଇଲେରିଆ ନିରାକରଣ ଅଭିଯାନର ଶୁଭାରମ୍ଭ

**ଗୁଣପୁର,୧୦।୨(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଫାଇଲେରିଆ ନିରାକରଣ ଅଭିଯାନର ଶୁଭାରମ୍ଭ ହୋଇଛି। ଏଥିଲାଗି ସାମୂହିକ ଔଷଧ ସେବନ କରାଯାଇଥିଲା। ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଗୁଣପୁର ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ ଚାଲିବ। ଗୁଣପୁର ବ୍ଲକ ଜିପିଏସ୍‌ଠାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଗୁଣପୁର ଆଇଆଇସି ଉତ୍ତମ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡ. ରମେଶ ଚନ୍ଦ୍ର ସାହୁ, ଜଗନ୍ନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. କାଳୀଚରଣ ପଣ୍ଡା ଏବଂ ଡା.ବନବିହାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜଗନ୍ନାଥପୁର ହାଇସ୍କୁଲ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଜଗନ୍ନାଥପୁର ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଭାର୍ଗବ କୁମାର ସାହୁ ଏବଂ ଅନ୍ୟ ଡାକ୍ତରମାନେ ଉପସ୍ଥିତ ଥିଲେ। ପୁଟାସିଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ. ବିକାଶ ଆରୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ଜାନକୀ ଗମାଙ୍ଗ ଏବଂ ପୁରୁଷ ସ୍ୱାସ୍ଥ୍ୟକର୍ମୀ ମନୋଜ ଗୌଡ଼ ଉପସ୍ଥିତ ରହି ସହଯୋଗ କରିଥିଲେ।


ଲାଞ୍ଜିଆ ସୌରା ପୁଟାସିଂ ଅଞ୍ଚଳରେ ଜଣେ ଛାତ୍ରୀ ଔଷଧ ସେବନ କରୁଛନ୍ତି।

# ୫ଲକ୍ଷରୁ ଉର୍ଦ୍ଧ୍ୱ ପିଲା ଖାଇବେ ଔଷଧ

## ମାସ୍ ଡ୍ରଗ୍ ଆଡମିନିଷ୍ଟ୍ରେଶନ, ଜାତୀୟ କୃମିନାଶ ସଚେତନତା ଅଭିଯାନ ଆରମ୍ଭ

**ରାୟଗଡ଼ା,୧୦।୨(ଆଶିଷ ରଞ୍ଜନ ପଣ୍ଡା)**

ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାୟଗଡ଼ା ବ୍ଲକ ଭାକୁରଗୁଡ଼ା ସେବାଶ୍ରମ ଠାରେ ଜାତୀୟ କୃମିନାଶକ ଦିବସ ଓ ମାସ୍ ଡ୍ରଗ ଆଡମିନିଷ୍ଟ୍ରେଶନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାକୁ ଜିଲାପାଳ ମନୋଜ ସତ୍ୟୱାନ ମହାଜନ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଲାଲ ମୋହନ ରାଉତରାୟ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଭିଏଲଏନ୍ ରାଜୁ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ରାଜେଶ୍ୱର ରାଓ ପଟ୍ଟନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ମହାଜନ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଔଷଧ ପ୍ରଦାନ କରିବା ସହିତ ନିଜେ ମଧ୍ୟ ଔଷଧ ସେବନ କରିଥିଲେ। ଏହି ଔଷଧ ସେବନ ଦ୍ୱାରା ରକ୍ତହୀନତା ଓ ଫାଇଲେରିଆ ଭଳି ରୋଗରୁ ରକ୍ଷା ପାଇପାରିବା ବୋଲି ଜିଲାପାଳ କହିଥିଲେ। ଏହି ରୋଗ ନିରାକରଣ ଅଭିଯାନ ମୁନିଗୁଡ଼ା, ଜଗନ୍ନାଥପୁର, ବିଷମକଟକ, ପଦ୍ମପୁର, ଜେମାଦେଇପେଣ୍ଠ ଓ ଗୁଡ଼ାରି ବିଜ୍ଞାପିତ ଅଞ୍ଚଳର ସମସ୍ତ ୱାର୍ଡ଼ରେ ୨ବର୍ଷରୁ ଉର୍ଦ୍ଧ୍ୱ ବୟସର ପିଲାଙ୍କୁ ଘର ଘର ବୁଲି ଔଷଧ ପ୍ରଦାନ କରାଯିବ। ଔଷଧ ବିତରକଙ୍କ ଉପସ୍ଥିତିରେ ଯେଭଳି ପିଲାମାନେ ଔଷଧ ସେବନ କରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କୃମିନାଶ ପାଇଁ ମଧ୍ୟ ୧ରୁ ୧୯ ବର୍ଷ ବୟସର ସମସ୍ତଙ୍କୁ ଏବଂ ୨୦ରୁ ୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳା ମଧ୍ୟ ଏହି ଔଷଧ ଖାଇପାରିବେ। ଏହି କାର୍ଯ୍ୟରେ ଜିଲାର ଶିକ୍ଷକ, ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏଥିରେ ଜିଲାର ୨୧୪୮ ବିତରକ ୫ଲକ୍ଷ ୪ହଜାର ୭୫୪ ଜଣଙ୍କୁ ନିଜ ତତ୍ତ୍ୱାବଧାନରେ ଔଷଧ ଖୁଆଇବା ଲାଗି ନିଷ୍ପତ୍ତି ହୋଇଛି।


ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଉପସ୍ଥିତିରେ ଜଣେ ଛାତ୍ରୀଙ୍କୁ କୃମିନାଶନ ଔଷଧ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ଚଳଚ୍ଚିତ୍ର କର୍ମଶାଳା ଉଦ୍‌ଘାଟିତ

କୋରାପୁଟ,୧୦।୨(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ଚଳଚ୍ଚିତ୍ର ଓ ଦୂରଦର୍ଶନ ପ୍ରତିଷ୍ଠାନ (ଏଫ୍‌ଟିଆଇଆଇ) ପୁଣେର ମିଳିତ ଆନୁକୂଲ୍ୟରେ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ଚଳଚ୍ଚିତ୍ରଭିତ୍ତିକ ଦକ୍ଷତା ପାଠ୍ୟକ୍ରମ ପ୍ରଚଳନ ଉପରେ ଏକ କର୍ମଶାଳା ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଭାରପ୍ରାପ୍ତ ରେଜିଷ୍ଟ୍ରାର ପ୍ରଫେସର ନରସିଂହ ଚରଣ ପଣ୍ଡା, ସିୟୁଓର ପରାମର୍ଶଦାତା ପ୍ରଫେସର ବିଭାସ ଚନ୍ଦ୍ର ଝା, ଜାତୀୟ ଖ୍ୟାତିସମ୍ପନ୍ନ ଅଭିନେତା ପ୍ରଫେସର ସଞ୍ଜୟ ମୋରେ, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଭାରପ୍ରାପ୍ତ ମୁଖ୍ୟ ଡ. ସୌରଭ ଗୁପ୍ତା ଓ ଆସୋସିଏଟ୍ ପ୍ରଫେସର ଡ. ନିଖିଲ କୁମାର ଗୌଡ଼ ଉପସ୍ଥିତ ଥିଲେ। ୧୫ ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାକୁ ଉଦ୍‌ଘାଟନ କରି କୁଳପତି ପ୍ରଫେସର ତ୍ରିପାଠୀ ଏହାକୁ ବିଶ୍ୱବିଦ୍ୟାଳୟ ପାଇଁ ଏକ ଐତିହାସିକ ଘଟଣା ବୋଲି କହିଥିଲେ। ଏହି ପାଠ୍ୟକ୍ରମରୁ ଛାତ୍ରୀଛାତ୍ରମାନେ କେବଳ ଶିଖିବେ ନାହିଁ ବରଂ ଅନ୍ୟମାନଙ୍କୁ ମଧ୍ୟ ସଶକ୍ତୀକରଣ ପାଇଁ ପ୍ରଶିକ୍ଷଣ ଦେବେ ବୋଲି ସେ କହିଥିଲେ। ଡ. ନିଖିଲ ଗୌଡ଼ ଧନ୍ୟବାଦ ଦେଇଥିଲେ। ସହକାରୀ ପ୍ରଫେସର ଡ. ଗୌରବ ରଞ୍ଜନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରଫେସର ଭରତ ପଣ୍ଡା, ପ୍ରଫେସର ହେମରାଜ ମୀନା, ପରୀକ୍ଷା ନିୟନ୍ତ୍ରକ ଡ. ରାକେଶ ଲେଙ୍କା, ଡ. ଚକ୍ରଧର ପ୍ରଧାନ, ଡ. ନିର୍ଝରିଣୀ ତ୍ରିପାଠୀ, ଡାକ୍ତର ମିନତି ସାହୁ, ଡ. ପ୍ରଦୋଷ ରଥ, ଜନସମ୍ପର୍କ ଅଧିକାରୀ ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଧାର ଟଙ୍କା ନେଇ ଗଣ୍ଡଗୋଳ, ଯୁବକ ଗିରଫ

ବ୍ରହ୍ମପୁର,୧୦।୨ (ସୁବାସ ଚନ୍ଦ୍ର ପାଢ଼ୀ):

ଧାର ଟଙ୍କା ନେଇ ଗଣ୍ଡଗୋଳ କରିଥିବା ଜଣେ ଯୁବକଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ସଦର ଥାନା ଅନ୍ତର୍ଗତ ନଳୀହାଡ ଗ୍ରାମର ତୋଫାନ ବିଷୋୟୀ ବୋଲି ପୋଲିସ କହିଛି। ଏ ସଂକ୍ରାନ୍ତରେ ପୋଲିସ ନଂ.୭୮/୨୪ ମାମଲା ରୁଜୁ କରି ତଦନ୍ତ କରୁଛି। ତୋଫାନ ଓ ତାଙ୍କ ବଡ ଭାଇ ମିଥୁନ ବିଷୋୟୀ ନିଜ ସ୍ୱାସ୍ଥ୍ୟ ସମସ୍ୟା, ଗୃହ ନିର୍ମାଣ ଓ ବ୍ୟକ୍ତିଗତ ଜରୁରୀ ଥିବା ଦର୍ଶାଇ ବିଭିନ୍ନ ଲୋକଙ୍କ ଠାରୁ ପ୍ରାୟ ୧୧ ଲକ୍ଷ ଟଙ୍କା ଧାର ନେଇଥିଲେ। ତେବେ ଧାର ଟଙ୍କା ଫେରାଇବା ପାଇଁ ଲୋକମାନେ ଦୁଇ ଭାଇଙ୍କୁ କହିବା ପରେ ସେମାନେ ଦିନ ଗଡାଇ ଚାଲିଥିଲେ । ବାରମ୍ବାର ଟଙ୍କା ମାଗି ନିରାଶ ହେବା ପରେ ଧାର ଦେଇଥିବା ଲୋକମାନେ ସଦର ଥାନାକୁ ଯାଇ ଦୁଇ ଭାଇଙ୍କ ବିରୋଧରେ ଅଭିଯୋଗ କରିଥିଲେ । ସେତେବେଳେ ଉଭୟ ଟଙ୍କା ଫେରାଇ ଦେବେ ବୋଲି କହିଥିଲେ। ହେଲେ ନିର୍ଦ୍ଧାରିତ ସମୟ ସରିବା ପରେ ଲୋକମାନେ ଟଙ୍କା ମାଗିବାରୁ ସାନଭାଇ ତୋଫାନ ଧମକ ଦେଇଥିଲେ ।

### ଗ୍ରାହକ ବେଶରେ ଆସି ଗହଣା ଲୁଟିନେଲେ

ବ୍ରହ୍ମପୁର,୧୦।୨ (ସୁବାସ ଚନ୍ଦ୍ର ପାଢ଼ୀ):

ଲୁଟେରାମାନେ ବିଭିନ୍ନ ତରିକାରେ ଏବେ ସହରି ତଳି ଅଞ୍ଚଳରେ ନିଜ କାରନାମା ଦେଖାଉଛନ୍ତି। ତାଲା ବନ୍ଦ ଘରକୁ ଟାର୍ଗେଟ କରି ସୁନା ଗହଣା ସହ ଆସବାବପତ୍ର ଲୁଟୁଛନ୍ତି। ତେବେ ଏହି ଗ୍ୟାଙ୍ଗ ଗ୍ରାହକ ବେଶରେ ସୁନା ଦୋକାନକୁ ଏବେ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି। ବଡ ବଜାର ଥାନା ନିକଟ ହନୁମାନ ବଜାରର ବୈଷ୍ଣବୀ ଜୁଏଲର୍ସରେ ଏଭଳି ଏକ ଘଟଣା ଘଟିଛି। ଉକ୍ତ ଦୋକାନରୁ ୭୯ ଗ୍ରାମର ସୁନା ଗହଣା ଲୁଟି ନେଇଛନ୍ତି। ଉକ୍ତ ଜୁଏଲର୍ସର ମାଲିକ ପ୍ରଦୀପ କୁମାର ଶତପଥୀ ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ଗତ ୭ ତାରିଖ ଦୁଇଜଣ ଯୁବକ ଦୋକାନ ଭିତରକୁ ଆସି ଗହଣା କିଣିବା ଆଳରେ ଉକ୍ତ ପରିମାଣର ସୁନାଗହଣା ଲୁଟିନେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଦୋକାନ ଭିତରେ ଥିବା ସିସି ଫୁଟେଜରେ ଲୁଟର ଚିତ୍ର ରହିଥିବା ସେ ପୋଲିସକୁ କହିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ନଂ. ୪୯/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହି ଗହଣାର ଆନୁମାନିକ ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ଦୋକାନ ମାଲିକ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

# ୧୬ରେ ସର୍ବଭାରତୀୟ ଧର୍ମଘଟ ସଫଳ କରିବାକୁ ବୈଠକ

ମାଲକାନଗିରି, ୧୦।୨(ଦୁର୍ଯ୍ୟୋଧନ ପାତ୍ର)


ଧର୍ମଘଟକୁ ସଫଳ କରିବା ପାଇଁ ବୈଠକରେ ଆଲୋଚନା କରାଯାଉଛି ।

ମାଲକାନଗିରି ସଦର ମହକୁମା ପାତ୍ରଗୁଡା ସାଇ ମନ୍ଦିର ପ୍ରାଙ୍ଗଣରେ ଏଆଇଟିୟୁସି ସହବନ୍ଧିତ ଶ୍ରମିକ ସଂଗଠନ ମାନଙ୍କର ଏକ ବୈଠକ ଶ୍ରମିକ ନେତା ଦୁର୍ଗା ଶଙ୍କର ମହାନନ୍ଦିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କନ୍‌ଭେନସନ୍‌କୁ ସମ୍ବୋଧିତ କରି ଏଆଇଟିୟୁସି ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ କୁମାର ମହାନ୍ତି କହିଥିଲେ, ବଞ୍ଚିବାର ମୌଳିକ ଦାବି ନେଇ ଦେଶର କୃଷକ ଶ୍ରମିକଙ୍କ ପକ୍ଷରୁ ଆସନ୍ତା ୧୬ ତାରିଖରେ ସର୍ବ ଭାରତୀୟ ଧର୍ମଘଟ ହରତାଳ ଓ ଧର୍ମ ଘଟ ଡାକରା ଦିଆଯାଇଛି। କେନ୍ଦ୍ର ନରେନ୍ଦ୍ର ସରକାର କୃଷକମାନଙ୍କ ସହ ବିଶ୍ୱାସଘାତକତା କରିଥିବା ବେଳେ ଶ୍ରମିକମାନଙ୍କ ସମସ୍ତ ଅଧିକାର ସଙ୍କୁଚିତ କରି ଚାରଟି କୋଡ୍ ଆଣିଛନ୍ତି। ଆଶା କର୍ମୀ, ଅଙ୍ଗନୱାଡି ପାଚିକା ଓ ସହାୟିକାଙ୍କୁ ଶ୍ରମିକ ମାନ୍ୟତା ଦିଆଯାଉ ନାହିଁ କି ସର୍ବନିମ୍ନ ମଜୁରି ମଳୁନି। ସମସ୍ତ ଶ୍ରମିକଙ୍କୁ ଅବସର ପରେ ପେନସନ ଗ୍ରାଚୁଇଟ ମିଳୁନି । ଦରଦାମ ବୃଦ୍ଧି ପ୍ରତିବାଦ, ବେକାରୀ ସମସ୍ୟାକୁ ବିରୋଧ, ମୋଦି ସରକାର ସମସ୍ତ ସରକାରୀ ଉଦ୍ୟୋଗ, ଏଲ୍‌ଆଇସି ଘରୋଇକରଣ ନୀତକୁ ବିରୋଧ, କୃଷକମାନଙ୍କ ଦାବି ପୂରଣ ପାଇଁ ଆସନ୍ତା ୧୬ ଧର୍ମଘଟକୁ ସଫଳ କରିବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁମର ଜାଲିଆ, ଦୟାମଣି ସମରଥ, ସମୀର ବିଶ୍ୱାସ, ନନ୍ଦ କୁମାର ଶ୍ୟାମଳୀ ବିଶ୍ୱାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କୁକୁରଙ୍କ ପ୍ରାଦୁର୍ଭାବ, ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ଲୋକେ

ମାଲକାନଗିରି,୧୦।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାରେ ଦିନକୁ ଦିନ କୁକୁରଙ୍କ ପାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛିଦିନ ହେଲା ସଦର ମହକୁମାର ପ୍ରତି ସାହି, ଗଳି କନ୍ଦି ଓ ମୁଖ୍ୟରାସ୍ତାରେ କୁକୁରଙ୍କ ସଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କେବଳ ଏତିକି ନୁହେଁ ରାସ୍ତା କିମ୍ବା ସାହି ଓ ଗଳି କନ୍ଦିର ଜନସାଧାରଣ ଜାତାୟାତ କରୁଥିବା ସମୟରେ କୁକୁର ଗୋଡାଉଛନ୍ତି। ଗାଡିରେ ଯାଉଥିବା ଲୋକ କୁକୁର ଭୟରେ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଶନିବାର ସକାଳେ ଜନୈକ ଖବରଦାତା ଦିଲିପ କୁମାର ପଟ୍ଟନାୟକ ମୁଖ୍ୟ ରାସ୍ତାରେ ନିଜ ଗାଡିରେ ଆସୁଥିବା ସମୟରେ କୁକୁର ଆକ୍ରମଣ କରିବା ଫଳରେ ଦୁର୍ଘଟଣାର ଶିକାର ହୋଇ ଆହତ ହୋଇଛନ୍ତି। ଫଳରେ ତାଙ୍କ ମୁହଁ, ହାତ ଓ ଗୋଡରେ ଗଭୀର ଆଘାତ ଲାଗିଛି। ଏ ବିଷୟରେ ଜିଲା ପ୍ରଶାସନ, ପୌର ପରିଷଦ ପଦକ୍ଷେପ ନେଉ ନ ଥିବାରୁ କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଜନସାଧାରଣ ମଧ୍ୟ ଆକ୍ରମଣର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ମେଶିନ ଲଗାଇ ରାସ୍ତା କାମ, ଦାଦନ ଖଟୁଛନ୍ତି ଶ୍ରମିକ

ମାଲକାନଗିରି,୧୦।୨(ଦୁର୍ଯ୍ୟୋଧନ ପାତ୍ର)

ଗରିବ ଓ ଅସହାୟଙ୍କୁ ବାର୍ଷିକ ଅନ୍ୟୂନ ୧୦୦ ଦିନ ରୋଜଗାର ଯୋଗାଇଦେବାକୁ ସରକାର ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଭଳି ବହୁ ଯୋଜନା କରିଛନ୍ତି। ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନାରେ ଲୋକଙ୍କୁ ସାମିଲ କରାଯାଇ ସୁଶାସନର ଆଶ୍ୱାସନା ମଧ୍ୟ ଦିଆଯାଉଛି । ହେଲେ ବିଭିନ୍ନ ପ୍ରକଳ୍ପ ଓ ନିର୍ମାଣାଧୀନ କାମରେ ଲୋକଙ୍କ ବଦଳରେ ମେଶିନ ଲଗାଇ ବେଆଇନ ଭାବେ ନିମ୍ନମାନର କାମ କରାଯାଉଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଫଳରେ ବାଧ ହୋଇ ଅଞ୍ଚଳର ଲୋକେ କାମଧନ୍ଦା ନ ପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବା ପାଇଁ ବାଧ ହେଉଛନ୍ତି। ଏପରି ଦେଖିବାକୁ ମିଳିଛି କାଲିମେଳା ବ୍ଲକ ଗୁମକା ପଞ୍ଚାୟତ ଏମ୍‌ପିଭି ୧୪ ଗ୍ରାମରୁ ନଦୀଘାଟ ରାସ୍ତା କାମ ବିନା ଫଳକରେ ଠିକାଦାର ମେଶିନ ଲଗାଇ ସାରି ଦେଇଛନ୍ତି। ଏହି ପ୍ରକଳ୍ପଟି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲୋକଙ୍କ ଦ୍ୱାରା କରାଯିବାକୁ ଥିବା ବେଳେ ଠିକାଦାରଙ୍କ ଦ୍ୱାରା ମେଶିନ ଲଗାଇ କରାଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଛି। କେତେ ମାଟି ପକାଇ କାମଟି ସମ୍ପୂର୍ଣ୍ଣ ହୋଇଯାଇଥିବା କୁହାଯାଇଛି। ପ୍ରକଳ୍ପ ଆଢ଼ରେ ପକାଯାଇଥିବା ଏହି ମାଟି ବର୍ଷାରେ ଧୋଇହୋଇଯିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗ୍ରାମରେ କୌଣସି କାମଧନ୍ଦା ନ ପାଇ ଲୋକେ ଦାଦନ ଖଟିବାକୁ ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼କୁ ଚାଲିଯାଉଥିବା ବେଳେ ଗ୍ରାମରେ ତରବରିଆ ଭାବେ ଠିକାଦାରଙ୍କ ଦ୍ୱାରା ଚେଷ୍ଟା କରିଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରି ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଉକ୍ତ ନିମ୍ନମାନର କାମର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ମେଶିନ ଦ୍ୱାରା ହୋଇଥିବା ରାସ୍ତାକାମ ।

## ଧର୍ମଘଟ ସଫଳ କରିବାକୁ ଆହ୍ୱାନ

ଜୟପୁର,୧୦।୨(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଶ୍ରମିକ କର୍ମଚାରୀ ଭବନଠାରେ ଆସନ୍ତା ଫେବୃଆରୀ ୧୬ ସର୍ବଭାରତୀୟ ଗ୍ରାମୀଣ ବନ୍ଦ ଓ ଶ୍ରମିକ ଆନ୍ଦୋଳନ ସଫଳ କରାଇବା ନେଇ ଗୁରୁବାର ଏକ ବୈଠକ ଶ୍ରମିକ ନେତା ପ୍ରମୋଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାରା ଦେଶରେ ଦରଦାମ୍ ବଢ଼ିଚାଲିଛି। ବେକାରି ସମସ୍ୟା ଉତ୍କଟ ହୋଇଛି। କେନ୍ଦ୍ର ସରକାର ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ଥିବା ସବୁ ଆଇନକୁ ରଦ୍ଦକରି ୪ଟି କୋଡ୍ ଆଣିଛନ୍ତି, ଯାହା ଶ୍ରମିକମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। କେନ୍ଦ୍ର ସରକାର ସମସ୍ତ ସରକାରୀ କଳକାରଖାନା, ଖଣି ଖାଦନ, ରେଳବାଇ, ଏଲ୍‌ଆଇସି ଓ ବ୍ୟାଙ୍କ ସବୁ ଘରୋଇ ପୁଞ୍ଜିପତିଙ୍କ ହାତରେ ଟେକି ଦେଉଛନ୍ତି। ପେନ୍‌ସନ ସର୍ବନିମ୍ନ ୯,୫୦୦ ଟଙ୍କା କରିବା ଓ ସୁପ୍ରିମକୋର୍ଟ ନିର୍ଦ୍ଦେଶିତ ବର୍ଦ୍ଧିତ ପେନ୍‌ସନ ଲାଗୁ କରିବାକୁ କେନ୍ଦ୍ର ସରକାର ଚାହୁଁନାହାନ୍ତି ବୋଲି ବୈଠକରେ ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା। ସେହିଭଳି ସ୍ଥାନୀୟ ସେବା କାଗଜ କଳ ଶ୍ରମିକଙ୍କ ସମସ୍ୟା ୪ ବର୍ଷ ହେଲା ସମାଧାନ ହେଉନାହିଁ,। ଶ୍ରମିକମାନେ ୪ମାସର ଦରମା ପାଇବାକୁ ବାକି ଥିବା ବେଳେ କମ୍ପାନୀ ୨୦୮ କୋଟି ଟଙ୍କା ଋଣ ନେଇ ହଡ଼ପ କରିସାରିଛି। ମୋଦି ସରକାରଙ୍କ ବିରୋଧରେ ଉଠୁଥିବା ସ୍ୱରକୁ ଚପାଇବା ପାଇଁ ସମସ୍ତ ସାମ୍ବିଧାନିକ ସଂସ୍ଥା ଇଡି, ସିବିଆଇ ଆଦି ବ୍ୟବହାର କରାଯାଉଛି। ଏ ସମସ୍ତ ଦାବି ନେଇ ଆସନ୍ତା ଫେବୃଆରୀ ୧୬ରେ ହେଉଥିବା ସର୍ବଭାରତୀୟ ଧର୍ମଘଟ ସଫଳ କରିବା ପାଇଁ ଶ୍ରମିକ ନେତା ରାହୁଳ ଆହ୍ୱାନ ଦେଇଥିଲେ। ଆଲୋଚନାରେ ପ୍ରମୋଦ ମହାନ୍ତି, ଦଣ୍ଡପାଣି ପାତ୍ର, ଆର୍‌ଏସ୍ ପଟ୍ଟନାୟକ, ରାମକୃଷ୍ଣ ଦାସଙ୍କ ସମେତ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।

# ନିଆଁରେ ଦୋକାନ ଜଳି ଧ୍ୱଂସ


ଜଳିଯାଇଥିବା ଦୋକାନ ।

ମାଲକାନଗିରି,୧୦।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଦୁର୍ଗାଗୁଡି ସାହିରେ ଶନିବାର ଭୋର ୩ଟାରେ ଜଗଦୀଶ ପଣ୍ଡାଙ୍କ ରାଶନ ଦୋକାନରେ ହଠାତ୍ ନିଆଁ ଲାଗିଯାଇଥିଲା। ସଙ୍ଗେ ସଙ୍ଗେ ସାହି ବାସିନ୍ଦା ଦମକଳ ବାହିନୀକୁ ଖବର ଦେବାପରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଦୋକାନରେ ଥିବା ସମସ୍ତ ସାମଗ୍ରୀ ଜଳି ପୋଡି ନଷ୍ଟ ହୋଇ ଯାଇଛି। ଅନ୍ୟ ପକ୍ଷରେ ନିଆଁ କିପରି ଲାଗିଲା, ଶର୍ଟ ସର୍କିଟ ଯୋଗୁ ନା କୌଣସି ଜଣେ ବ୍ୟକ୍ତି ନିଆଁ ଲଗାଇ ଦେଇଛନ୍ତି ତାହା ଜଣାପଡି ନାହିଁ।

# ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ତାଲିମ

ଡାବୁଗାଁ,୧୦।୨(ପ୍ରଜ୍ଞାରଞ୍ଜନ ପରିଡ଼ା)


ତାଲିମ କାର୍ଯ୍ୟକ୍ରମରେ ଭାଗନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତି ସମ୍ପର୍କୀୟ ପ୍ରଶିକ୍ଷଣ ଶିକ୍ଷଣ ସାମଗ୍ରୀ ତାଲିମ ଅନୁଷ୍ଠିତ ହୋଇଯାଇଛି । ୪ ଦିନ ଧରି ଚାଲିଥିବା ଏହି ଶିବିରରେ ୪୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଛନ୍ତି। ଗୋଷ୍ଠୀ ସାଧନ ଶିକ୍ଷକ ଛନ୍ଦାଚରଣ ମେହେର, ଶିକ୍ଷକ ଭୁବନ ଜୟୀ ଭତ୍ରା ଓ କାଳୁ ଚରଣ ମହାରଣା ପ୍ରମୁଖ ତାଲିମ ଦେଇଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦେବରାଜ ଗୋପାଳ ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗବାନ ମାଝିଙ୍କ ଉପସ୍ଥିତିରେ ଉଦ୍‌ଯାପନ କାର୍ଯ୍ୟକ୍ରମ ବେଶ୍ ସୁନ୍ଦର ଭାବେ ସମାପନ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଏ ବିଷୟରେ ତାଲିମ ଦେବେ।

# ଜନସମ୍ପର୍କ, ସଚେତନତା ଶିବିର



ତେନ୍ତୁଳିଖୁଣ୍ଟି, ୧୦।୨(ଚିଦାନନ୍ଦ ସାହୁ)

**ସ୍ୱାସ୍ଥ୍ୟ ପରିକ୍ଷା ସହ ପୋଷାକ, ପାଠ୍ୟ ଉପକରଣ ବଣ୍ଟନ**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତର ଜଳବନ୍ଦୀ ଅଞ୍ଚଳ ଗୁରୁମାଇଗୁଡ଼ାରେ ଖାତିଗୁଡା ପୋଲିସ ପକ୍ଷରୁ ଏକ ସଚେତନତା ଓ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ରୋହିତ ବର୍ମା ମୁଖ୍ୟ ଅତିଥି, ଏସ୍‌ଡିପିଓ କ୍ରିଷ୍ଣା ଚନ୍ଦ୍ର ଭତ୍ରା, ଆର୍‌ଓ ଅଜୟ କୁମାର ଏକ୍କା, ଥାନାଧିକାରୀ ହରିଶ୍ ଗଲୋରୀ, ଏସ୍‌ଆଇ ମହେଶ୍ୱର ଭୁର୍ଭୁରେ, ବିଜୟ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିବିରରେ ଡାକ୍ତର ଅମରେଶ ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଛି। ବାଲ୍ୟ ବିବାହ ରୋକିବା ପାଇଁ ଏକ ସଚେତନତା ନାଟକ ମଞ୍ଚସ୍ଥ କରାଯାଇଥିଲା। ବାହାର ରାଜ୍ୟ ବା ଜିଲାକୁ କାମ କରିବାକୁ ଗଲେ କଣ ସବୁ କରିବାକୁ ହେବ ସେ ସମ୍ପର୍କରେ ଅଧିକାରୀମାନେ ବୁଝାଇଥିଲେ। ଏଥିସହ ସେଠାରେ ଅସୁବିଧା ସମ୍ମୁଖୀନ ହେଲେ ପୋଲିସକୁ ଜଣାଇଲେ ସହାୟତା ଯୋଗାଇଦିଆ ଯିବ ବୋଲି ସେ କହିଥିଲେ। ଏହି ଅବସରରେ ଉପସ୍ଥିତ ଲୋକଙ୍କୁ ପୋଷାକ ଓ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ଜଳବନ୍ଦୀ ଅଞ୍ଚଳରେ ପ୍ରଥମ ଥର କୌଣସି ଆରକ୍ଷୀ ଅଧିକ୍ଷକ ଙ୍କ ପାଦ ପଡ଼ିଥିବାରୁ ଅଞ୍ଚଳରେ ଚାଲିଥିବା ରନ୍ଧା ମଦ ବ୍ୟବସାୟୀ ଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# ୨୬ ବର୍ଷ ପରେ ଜୟପୁରରେ ଫିଲ୍ମ ଶୁଟିଂ

ଜୟପୁର,୧୦।୨(ପବନ ପାଣିଗ୍ରାହୀ)

ଜୟପୁର ସହରରେ ବାହୁବଳିର ଚର୍ଚ୍ଚିତ ଅଭିନେତ୍ରୀ ଅନୁଷ୍କା ସେଟ୍ଟୀ ଫିଲ୍ମ ଶୁଟିଂ ପାଇଁ ପହଞ୍ଚିଛନ୍ତି। ଗତ ସପ୍ତାହେ ହେଲା ବହୁଭାଷୀ ଫିଲ୍ମ ହିନ୍ଦୀ, ତେଲୁଗୁ ଓ ତାମିଲ ଭାଷାରେ ନିର୍ମାଣ ଲାଗି ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ଏକ ଟିମ୍ ଜୟପୁର ସହରରେ ପହଞ୍ଚି କୋଲାବ, ଘାଟ ବାଗ୍ରା ଓ ଦେଓମାଳିର କେତେକ ଆକର୍ଷଣୀୟ ସ୍ଥାନରେ ଫିଲ୍ମ ସୁଟିଂ ଜାରି ରଖିଛନ୍ତି। ସେହି କ୍ରମରେ ଗତ ଦୁଇ ଦିନ ହେଲା ଜୟପୁର ସହରର ମୁଖ୍ୟ ରାସ୍ତା, ଜଗନ୍ନାଥ ମନ୍ଦିର ସହ ସହରର ନୂଆ ବସଷ୍ଟାଣ୍ଡଠାରେ ଫିଲ୍ମ ଶୁଟିଂ ଚାଲିଛି। ଆଲୋଚନାର ବିଷୟ ଯେ, ଏଥିରେ ସ୍ଥାନୀୟ ଲୋକେ ଅଭିନୟ କରିଛନ୍ତି। ଓଡ଼ିଶା-ଆନ୍ଧ୍ର ସୀମାନ୍ତ କୋରାପୁଟ ଜିଲାରେ ବେଆଇନ ଗଞ୍ଜେଇ ଚାଲାଣ ନେଇ ଫିଲ୍ମରେ ଦୃଶ୍ୟାୟନ କରାଯାଇଛି। ଏହା ତିନୋଟି ଭାଷା ତେଲୁଗୁ, ତାମିଲ ଓ ହିନ୍ଦୀରେ ରିଲିଜ୍ ହେବ, ଯେଉଁଥିରେ ମୁଖ୍ୟ ନାୟିକା ଅନୁଷ୍କା ସେଟ୍ଟୀ ରହିଛନ୍ତି। ଅନ୍ୟପକ୍ଷରେ ଫିଲ୍ମ ଶୁଟିଂ ପାଇଁ ଆସିଥିବା ଅଭିନେତ୍ରୀଙ୍କୁ ଦେଖିବା ପାଇଁ ସହରରେ ଥିବା ଏକା ତାରକା ହୋଟେଲରେ ଭିଡ ଜମୁଛି। ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ମିଳୁଛି ବୋଲି ନିର୍ମାଣକାରୀ ସଂସ୍ଥାର ରାଜୀବ କୁମାର ରେଡ୍ଡି, ପ୍ରୋଯୋଜକ ସିଦ୍ଧାର୍ଥ ପଟ୍ଟନାୟକ ଓ ପୌର ନିର୍ବାହୀ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଜୟପୁରରେ ପ୍ରଥମେ ୧୯୭୮ରେ ଓଡ଼ିଆ ଫିଲ୍ମ ରକ୍ତ ଗୋଲାପର ସମ୍ପୂର୍ଣ୍ଣ ଶୁଟିଂ ହୋଇଥିଲା। ପରେ ୧୯୯୮ରେ ତେଲୁଗୁ ଫିଲ୍ମ ଶୁଟିଂ ହୋଇଥିଲା। ଏବେ ଦୀର୍ଘ ୨୬ବର୍ଷ ପରେ ସାଉଥ୍ ଫିଲ୍ମ କୋରାପୁଟ ଜିଲାର ପ୍ରାକୃତିକ ପରିବେଶରେ ଶୁଟିଂ ଜାରି ରହିଛି।

# ରୋଟାରି କ୍ଲବ୍‌ର ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

ମାଲକାନଗିରି,୧୦।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକନଗିରି ଜିଲାରେ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୯୫ ଖେଳାଳି ଏବଂ ଜିଲା ବ୍ୟାଡ୍‌ମିଣ୍ଟନ କମିଟିର ସମସ୍ତ ସଦସ୍ୟଙ୍କୁ ମାଲକାନଗିରି ଜିଲା ରୋଟାରି କ୍ଲବ ତରଫରୁ ଜର୍ସି ପ୍ରଦାନ କରାଯାଇଛି। ରୋଟାରି କ୍ଲବ ସଭାପତି ଜି. ଶ୍ୟାମବାବୁ ଦୋରା, ସମ୍ପାଦକ ଈଶ୍ୱର ରାଓ, ରୋଟାରିଆନ ବିଜୟ ପଣ୍ଡା, ଲବ ସାହୁ, ଦିଲୀପ ସୋମାନି, ନୀତୀଶ ସରକାର ଓ ଦୁର୍ଯ୍ୟୋଧନ ପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ବିତରଣ କରାଯାଇଥିଲା। ଜିଲା ବ୍ୟାଡ୍‌ମିଣ୍ଟନ ସଂଘ କର୍ମକର୍ତ୍ତାମାନେ ରୋଟାରି କ୍ଲବର ଏପରି କାର୍ଯ୍ୟକୁ ପ୍ରଶଂସା କରିବା ସହ ମାନପତ୍ର ପ୍ରଦାନ କରିଥିଲେ।



ପ୍ରତିଯୋଗିତାରେ ଜଣକୁ ମାନପତ୍ର ଦେଇ ପୁରସ୍କୃତ କରାଯାଉଛି।

# ଜାତୀୟ କୃମିନାଶ ଦିବସ

ମାଲକାନଗିରି, ୧୦।୨(ଦୁର୍ଯ୍ୟୋଧନ ପାତ୍ର)



ପିଲାଙ୍କୁ କୃମିନାଶକ ବଟିକା ଖାଇବାକୁ ଦିଆଯାଉଛି ।

ମାଲକାନଗିରି ଜିଲା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜିଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଜାତୀୟ କୃମିନାଶ ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ କୃମିନାଶକ ବଟିକା ଖାଇବା ପାଇଁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବ୍ରଜବନ୍ଧୁ ଦାସ, ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ, ସହକାରୀ ଜିଲା ସମାଜ ମଙ୍ଗଳ ଅଧିକାରୀ ମମତା ଚୌଧୁରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ଧାରା, ରାଜ୍ୟ ୟୁନିସେଫ୍ ପରାମର୍ଶଦାତା ସତେଶ୍ୱର ନାୟକ, ଅଶ୍ୱିନ କୁମାର ଖୋସ୍‌ଲା, ସଚିନ ଦେବ ଗୌଡ ଓ ଶିବପ୍ରସାଦ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଓ ଗ୍ରାମ୍ୟ ସ୍ୱାସ୍ଥ୍ୟ ପରିମଳ ପୁଷ୍ଟିକର ଦିବସଠାରେ ୧ ବର୍ଷରୁ ୧୯ ବର୍ଷର ବାଳିକା ବାଳକଙ୍କୁ କୃମି ନାଶକ ବଟିକା ବଣ୍ଟନ କରିବା ସହ ସମସ୍ତଙ୍କୁ ଖୁଆଯାଇଥିଲା। ସେହିପରି ୨୦ ରୁ ୨୪ ବର୍ଷ ମହିଳାଙ୍କୁ ମଧ୍ୟ କୃମିନାଶକ ବଟିକା ଖୁଆଯିବ ବୋଲି ଅତିଥିମାନେ କହିଥିଲେ। ଯେଉଁ ବାଳିକା ବାଳକମାନେ ଏହି ବଟିକା ଖାଇବାରୁ ବଞ୍ଚିତ ହୋଇଛନ୍ତି ଏବଂ ଯେଉଁମାନେ ବିଦ୍ୟାଳୟରେ ଅନୁପସ୍ଥିତ ରହିଛନ୍ତି ସେମାନଙ୍କୁ ଆସନ୍ତା ୧୭ ତାରିଖରେ ଖୁଆଯିବାର ବ୍ୟବସ୍ଥା କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଶତ ପ୍ରତିଶତ ପିଲାଙ୍କୁ କୃମିନାଶକ ସିରପ, ବଟିକା ଖୁଆଇବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଏହି ସଭାରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅଧିକାରୀ ବ୍ରଜବନ୍ଧୁ ଦାସ ବିସ୍ତୃତ ଭାବେ କାର୍ଯ୍ୟକ୍ରମ ସଫଳତା ନିମନ୍ତେ ବୁଝାଇଥିଲେ। ଜିଲା ଶିକ୍ଷା ବିଭାଗ ଅଧିକାରୀ, ଜନକଲ୍ୟାଣ ସମ୍ପ୍ରସାରଣ ଅଧିକାରୀ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

